## ସଂକ୍ଷେପରେ

### ଅସ୍‌ଲମ ଖାନ୍ ଜିଲା ଯୁବକଂଗ୍ରେସ ଉପସଭାପତି



ରାୟଗଡ଼ା, ୨୭।୭ (ଆଶିଷ ରଞ୍ଜନ ପଣ୍ଡା)- ରାୟଗଡ଼ା ଜିଲା ଯୁବ କଂଗ୍ରେସ ଉପସଭାପତି ଭାବେ ଅସଲମ୍ ଖାନ୍ ନିର୍ବାଚିତ ହୋଇଛନ୍ତି। ସେ ସଭାପତି ଦୌଡ଼ରେ ଦ୍ୱିତୀୟରେ ରହିଥିବାରୁ ତାଙ୍କୁ ଉପସଭାପତି ଭାବେ ଜାତୀୟ ଯୁଥ କଂଗ୍ରେସ ଚୟନ କରିଛି। ଆଗାମୀ ଦିନରେ ସେ ଜିଲାରେ ଦଳର ଯୁବ ସଂଗଠନକୁ ଆହୁରି ମଜଭୁତ କରିବେ ବୋଲି କହିଛନ୍ତି।

### ଗଛ ପଡ଼ି ରାସ୍ତା ଅବରୋଧ



ଗୁଣପୁର,୨୭।୭ (ପ୍ରଦୀପ କୁମାର ପାଢ଼ୀ)- ଲଗାଣବର୍ଷା ଯୋଗୁ ଗୁଣପୁର ବ୍ଲକ ଶିରିଝୋଲି ରାସ୍ତାକଡ଼ରେ ଥିବା ଏକ ବିରାଟ ଗଛ ଭାଙ୍ଗି ପଡିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ସେଠାରେ ପହଞ୍ଚି ଗଛ କାଟି ରାସ୍ତା ଉପରୁ ହଟାଇଥିଲେ। ଏହାପରେ ସେହି ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

### ଏସ୍‌ଡିପିଓ, ଆଇଆଇସିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମୁନିଗୁଡ଼ା, ୨୭।୭ (ରାଧେଶ୍ୟାମ ଅଗ୍ରୱାଲ)- ମୁନିଗୁଡ଼ା ବ୍ଲକସ୍ଥିତ ମଙ୍ଗଳ ଭବନରେ ବୁଧବାର ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ ଓ ମୁନିଗୁଡ଼ା ଆଇଆଇସି ସୁଜ୍ଞାନୀ ସାହୁଙ୍କୁ ପ୍ରେସ୍ କ୍ଲବ ଓ ଶୌଣ୍ଡିକ ସମାଜ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରେସ୍ କ୍ଲବ ସଭାପତି ରାଜୀବ ଲୋଚାନ ଦାସଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ପ୍ରୀତମ ତନ୍ତୀ, ସମ୍ମାନିତ ଅତିଥି ବନଖଣ୍ଡ ଅଧିକାରୀ ପ୍ରସନ୍ନ ମିଶ୍ର,ପ୍ରେସ୍ କ୍ଲବ ଉପଦେଷ୍ଟା ରାମଚନ୍ଦ୍ର ବେହେରା,ଶୌଣ୍ଡିକ ସମାଜ ସମ୍ପାଦକ କେଶବ ସାହୁକାର ଉପସ୍ଥିତ ଥିଲେ। ଖବରଦାତା ସାମାଞ୍ଜଳ ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଖବରଦାତା ମନୋରଞ୍ଜନ ଦଳାଇ ଅତିଥି ପରିଚୟ ଦେଇଥିଲେ। ସଭାପତି ଦାସ ତାଙ୍କ ଅଭିଭାଷଣରେ ଦୁଇ ପୋଲିସ ଅଧିକାରୀଙ୍କ ମହାମାରୀ କରୋନା ସମୟର ସେବାକୁ ମନେପକାଇ ସେମାନଙ୍କ କର୍ତ୍ତବ୍ୟନିଷ୍ଠାକୁ ମୁନିଗୁଡ଼ା,ଚନ୍ଦ୍ରପୁର ଓ ବିଷମକଟକବାସୀ ମନେରଖିବେ ବୋଲି କହିଥିଲେ। ପରେ ୨ ପୋଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ଯୋଗଦେଇଥିବା ନୂଆ ଅଧିକାରୀଙ୍କୁ ସେପରି ସହଯୋଗ ଯୋଗାଇ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ରାଧେଶ୍ୟାମ ଅଗ୍ରୱାଲ, ଈଶ୍ୱର ରାଓ, ଚନ୍ଦ୍ରଶେଖର ପଣ୍ଡା, ପ୍ରମୋଦ ସାହୁକାର, କୈଳାସ ଲାବଲା, ହାଡ଼ିପା ଗୌଡ,ରଘୁନାଥ ବେହେରା, ନରେଶ ପାତ୍ର, ରାଜେଶ ସାହୁ, ସନାତନ ନାୟକ, ଦକ୍ଷ ବାତ୍ରା, ଆନନ୍ଦ ଟାକ୍ରିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଡେଲି ମାର୍କେଟରେ ଅସ୍ୱାସ୍ଥ୍ୟକର ପରିବେଶ

ରାୟଗଡ଼ା,୨୭।୭ (ଭାଗ୍ୟଶ୍ରୀ ମିଶ୍ର)

- ସ୍ଲୋଗାନରେ ସୀମିତ ପୌର ପରିଷଦର ସଫେଇ କାର୍ଯ୍ୟ
- ହେଉନି ସଫେଇ, କୁଢ଼କୁଢ଼ ଆବର୍ଜନା ଗଦା
- ଦୁର୍ଗନ୍ଧରେ ଫାଟି ପଡ଼ୁଛି ଡେଲି ମାର୍କେଟ



ସହରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର କରିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସହରରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପୌର ପରିଷଦ ପକ୍ଷରୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ହେଲେ ରାୟଗଡ଼ା ପୌର ପରିଷଦର ସଫେଇ କାର୍ଯ୍ୟ କେବଳ ସ୍ଲୋଗାନ ଏବଂ ସଫେଇ ଗାଡ଼ିରେ ସୀମିତ ରହିଯାଇଥିବା ଅଭିଯୋଗ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ା ସହରର ୱାର୍ଡ ନମ୍ବର ୭ ଡେଲି ମାର୍କେଟରେ। ଦୀର୍ଘଦିନ ହେଲା ମାର୍କେଟରେ ପଚାଶଢ଼ା ପରିବା, କୁଢ଼ କୁଢ଼ ଆବର୍ଜନା ଗଦା ହୋଇଥିବାରୁ ଦୁର୍ଗନ୍ଧରେ ଅଞ୍ଚଳ ଫାଟି ପଡୁଛି। ଅନ୍ୟପକ୍ଷେ ମାର୍କେଟ ମଧ୍ୟରେ ପକ୍କା ରାସ୍ତା ନ ଥିବାରୁ କାଦୁଅରେ ପଶି ଲୋକେ ଯିବାଆସିବା କରୁଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ବ୍ୟବସାୟୀ, ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ମାର୍କେଟକୁ ନିୟମିତ ସଫେଇ ପାଇଁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୌର କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି।

୨୦୧୧ ଜନଗଣନା ଅନୁସାରେ ୱାର୍ଡ ନମ୍ବର ୭ରେ ୨୯୬୮ ଜନସଂଖ୍ୟା ରହିଥିଲା। ବର୍ତ୍ତମାନ ୧୨ ବର୍ଷ ମଧ୍ୟରେ ଜନସଂଖ୍ୟା ଆହୁରି ବଢ଼ିଯାଇଛି । ହେଲେ ଇତିମଧ୍ୟରେ ଅଞ୍ଚଳର ପରିସ୍ଥିତିରେ କୌଣସି ସୁଧାର ଆସି ପାରୁନାହିଁ । ଆଜି ପର୍ଯ୍ୟନ୍ତ ଏହି ଅଞ୍ଚଳ ପାଇଁ ଭଲ କଂକ୍ରିଟ୍ ରୋଡ଼ଟିଏ ନିର୍ମାଣ ହୋଇପାରି ନାହିଁ । ଯଦିଓ ଗୋଟିଏ କି ୨ଟି ସ୍ଥାନରେ କଂକ୍ରିଟ ରୋଡ୍ ନିର୍ମାଣ ହୋଇଛି। ମରାମତି ଅଭାବରୁ ତାହା ମଧ୍ୟ ଖାଲଖମାରେ ଭର୍ତ୍ତି । ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଛି। ଏବେ ବର୍ଷାଦିନ ହୋଇଥିବାରୁ ରାସ୍ତାରେ କାଦୁଅ ପଚପଚ। ଏହି ରାସ୍ତାଦେଇ ମାର୍କେଟକୁ ଗାଡି, ଅଟୋ, ରିକ୍ସା ଯାତାୟାତ କରୁଥିବାରୁ ଲୋକେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ମାର୍କେଟର ଆଖପାଖ ଅଞ୍ଚଳରେ ଶୁଖୁଆ, ମାଛ, କୁକୁଡ଼ା ଓ ଛେଳି ମାଂସ ବିକ୍ରି ହେଉଥିବାବେଳେ ଏଥିରୁ ବାହାରୁଥିବା ଆବର୍ଜନାଗୁଡିକୁ ବ୍ୟବସାୟୀମାନେ ନିକଟରେ ଫିଙ୍ଗି ଦେଉଛନ୍ତି। ଫଳରେ ଦୁର୍ଗନ୍ଧରେ ଅଞ୍ଚଳ ଫାଟି ପଡୁଛି। ଦୁର୍ଗନ୍ଧମୟ ପରିବେଶ ଯୋଗୁ ଗ୍ରାହକ ବଜାରକୁ ଆସୁ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ସେହିପରି ଅସ୍ୱାସ୍ଥକର ପରିବେଶ ଯୋଗୁ ସ୍ଥାନୀୟ ଲୋକେ ମ୍ୟାଲେରିଆ, ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେଉଥିବା କହିଛନ୍ତି । ପୌର ପରିଷଦ ପକ୍ଷରୁ ବ୍ୟବସାୟୀଙ୍କୁ କ୍ୟାବିନ ଯୋଗାଇ ଦିଆଯାଇଥିବାବେଳେ ପ୍ରତ୍ୟେକ ମାସରେ ଏଥିପାଇଁ ଭଡ଼ା ଦିଆଯାଉଛି । ହେଲେ ପୌର ପରିଷଦ ପକ୍ଷରୁ ମାର୍କେଟର ସଫେଇ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ବ୍ୟବସାୟୀମାନେ ଚାନ୍ଦା କରି ସଫେଇ କରୁଥିବା ଡେଲି ମାର୍କେଟର ବ୍ୟବସାୟୀ ସନ୍ତୋଷ କୁମାର କହିଛନ୍ତି । ମାର୍କେଟ ସଫେଇ କରାଯିବାକୁ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ପୌର ପରିଷଦ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଡେଲି ମାର୍କେଟର ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି। ସେହିପରି ବର୍ଷା ହେଲେ ଅଞ୍ଚଳରେ ପାଣି ଭରି ରହୁଥିବା ଲଳିତା ବେହେରା କହିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ୟାସିର ବିଲାଲ୍ ଅହମ୍ମଦଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ଆମେ ମାର୍କେଟରେ ସଫେଇ କାର୍ଯ୍ୟ କରାଯିବ । ବ୍ୟବସାୟୀମାନେ ଚାନ୍ଦାକରି ସଫେଇ କରୁଛନ୍ତି ଆମେ ଜାଣିନୁ, ସଫେଇ କାର୍ଯ୍ୟ ପୌର ପରିଷଦର ଦାୟିତ୍ୱ । ଆମେ ଲୋକଙ୍କ ସମସ୍ୟା ଖୁବ୍‌ଶୀଘ୍ର ଦୂର କରିବୁ ବୋଲି ସେ କହିଛନ୍ତି।

## ମୁନିଗୁଡ଼ା ବଡ଼ଦାଣ୍ଡରେ ଡ୍ରେନ୍ ପାଣି



ମୁନିଗୁଡା,୨୭।୭ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ସହରରେ ସାମାନ୍ୟ ବର୍ଷା ହେଲେ ମୁଖ୍ୟରାସ୍ତା ଉପରେ ପାଣି ଲହଡ଼ି ଭାଙ୍ଗେ। ସହରରେ ଡ୍ରେନେଜ ସୁବିଧା ନ ଥିବାରୁ ବର୍ଷାପାଣି ସହ ଡ୍ରେନର ଦୁର୍ଗନ୍ଧ ପାଣି ଜମି ରହୁଛି । ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଓ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରେ ଡ୍ରେନେଜ ସୁବିଧା କରିବାକୁ ବଣିକ ସଂଘ, ମୁନିଗୁଡା ବିକାଶ ପରିଷଦ ପ୍ରଶାସନ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ। ମୁନିଗୁଡା ସହରରେ ଭୂତଳ ରାସ୍ତା, ଶିକ୍ଷାର ଉନ୍ନତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି।

# ଆଦିବାସୀ ଏକତା ପରିଷଦର ଦାବିପତ୍ର

ରାୟଗଡା,୨୭।୭ (ଭାଗ୍ୟଶ୍ରୀ ମିଶ୍ର )

୨୧ଟି ଆଦିବାସୀ ବିରୋଧୀ ନୀତି ତଥା ଆଦିବାସୀ ବିରୋଧୀ କାର୍ଯ୍ୟକଳାପକୁ ବିରୋଧକରି ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭାରତ ବନ୍ଦ ଡାକରା ଦିଆଯିବ ବୋଲି ଏକତା ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

ଦେଶର ନାଗରିକ ସଂହିତା (ୟୁସିସି) ପ୍ରଣୟନକୁ ବିରୋଧ, ମଣିପୁର ଗଣ ବଳାତ୍କାର, ଛତିଶଗଡ଼ ଆଦିବାସୀ ଯୁବକଙ୍କ ଉପରେ ପରିସ୍ରା ଭଳି ମୋଟ ୨୧ଟି ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରୁ ଏକ ରାଲି କରାଯାଇ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ୟୁସିସି ହଟାଇବାକୁ ଦାବିକରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଂଯୋଜକ ଲିଲି ମାଝିଙ୍କ ନେତୃତ୍ୱରେ ଶତାଧିକ ଲୋକ ସାମିଲ ଥିଲେ।





ଆଦିବାସୀ ଏକତା ପରିଷଦ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

## ଶ୍ରୀ ମିନାଝୋଲା ପତ୍ରିକା ଉନ୍ମୋଚନ

ଚନ୍ଦ୍ରପୁର, ୨୭।୭( ବିଜୟ ପ୍ରସାଦ ଉଲ୍ଲାକା)

ଚନ୍ଦ୍ରପୁର ବ୍ଲକର ବହୁ ପୁରାତନ ଶୈବ ପୀଠ ଶ୍ରୀ ମୀନାଝୋଲାର ଜନ କଲ୍ୟାଣ ଆଶ୍ରମ ପରିସରରେ ଆଶ୍ରମ ତରଫରୁ ପ୍ରକାଶିତ ସିଭା, ଶ୍ରୀ ମିନାଝୋଲା ନାମକ ଅଧ୍ୟାତ୍ମିକ ପତ୍ରିକାର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜନ କଲ୍ୟାଣ ଆଶ୍ରମର ମୁଖ୍ୟ ପରିଚାଳକ ବାବା ଜନକା ନନ୍ଦ ଗିରି, ସମ୍ମାନିତ ଅତିଥି ଭାବେ ପତ୍ରିକାର



ମୁଖ୍ୟ ସମ୍ପାଦକ ଉଦୟନାଥ ପଣ୍ଡା, ସହ ସମ୍ପାଦକ ପ୍ରଶାନ୍ତ କୁମାର ଶତପଥୀ, ରମେଶ ମିଶ୍ର, ବରଷ୍ଠ ଖବରଦାତା ଗଣେଶ ରାଓ, ଚନ୍ଦ୍ରପୁର ପ୍ରେସ୍ କ୍ଲବର ସଭାପତି ପ୍ରମୋଦ ସାହୁକାର ପ୍ରମୁଖ ଉପସ୍ଥିତ ଥିଲେ। ଜନ କଲ୍ୟାଣ ଆଶ୍ରମ ତରଫରୁ ନୂତନ ଭାବେ ଗୁରୁକୁଳ ଆଶ୍ରମ ବିଦ୍ୟାଳୟ, ଖୋଲିବା ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଶ୍ରମର ମୁଖ୍ୟ ପରିଚାଳକ ବାବା ଜନକା ନନ୍ଦ ଗିରି ପରିଚାଳନା କରିଥିଲେ।

# ପାରସାଲିରେ ମାଓବାଦୀ ପୋଷ୍ଟର



ପାରସାଲିରେ ମାଓବାଦୀମାନେ ମାରିଥିବା ପୋଷ୍ଟର।

ରାୟଗଡ଼ା,୨୭।୭ (ଆଶିଷ ରଞ୍ଜନ ପଣ୍ଡା)

**ଶହୀଦ ସପ୍ତାହ ପାଳନ ପାଇଁ ଆହ୍ୱାନ**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ପାରସାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ମାଓବାଦୀମାନେ ପୋଷ୍ଟର ଓ ବ୍ୟାନର ଲଗାଇଥିବା ଦେଖିବାକୁ ମିଳିଛି। ନିୟମଗିରି ପାହାଡ଼ର ବିଭିନ୍ନ ଗାଁରେ ମାଓବାଦୀ ସଂଗଠନ ପକ୍ଷରୁ ପୋଷ୍ଟର ଲଗାଯାଇ ଗୁରୁବାରଠାରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଶହୀଦ ସପ୍ତାହ ପାଳନ ପାଇଁ ଉଲ୍ଲେଖ କରାଯାଇଛି । ପାରସାଲି ପଞ୍ଚାୟତ କାର୍ଯ୍ୟାଳୟ ଓ ଡିକେଡିଏ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାନର ଓ ପୋଷ୍ଟର ଲଗାଇ ମାଓବାଦୀ ସେମାନଙ୍କ ସ୍ଥିତି ଜାହିର କରିଛନ୍ତି । ଏଥିସହ ନିରୀହ ଆଦିବାସୀ ଓ ଆଦିମ ଜନଜାତି ଉପରେ ହେଉଥିବା ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ ଅଧିକ ସଂଖ୍ୟାରେ ଯୁବକ ଯୁବତୀ ପିଏଲ୍‌ଜିଏରେ ସାମିଲହେବାକୁ ମାଓବାଦୀମାନେ ଅନୁରୋଧ କରିଛନ୍ତି। ମାଓବାଦୀ ସଂଗଠନର ବାଘୁନା ଡିଭିଜନାଲ କମିଟି ପକ୍ଷରୁ ଏହି ବ୍ୟାନର ଓ ପୋଷ୍ଟର ଲଗାଯାଇଥିବା ଉଲ୍ଲେଖ ରହିଛି। ପୋଲିସ ଓ ସିଆର୍‌ପିଏଫ୍ ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ପୋଷ୍ଟର ଓ ବ୍ୟାନର ଜବତ କରିଛନ୍ତି। ଏଥିସହ ଗୋଇନ୍ଦା ତଥ୍ୟକୁ ଭିତ୍ତିକରି ନିୟମଗିରି ପାହାଡ ସମେତ ଜିଲାର ବିଭିନ୍ନ ମାଓବାଦୀପ୍ରବଣ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଇଥିବା ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି ।

# ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଦୋକାନ ଘର ଉଚ୍ଛେଦ

ଚନ୍ଦ୍ରପୁର, ୨୭।୭( ବିଜୟ ପ୍ରସାଦ ଉଲ୍ଲାକା)



ଜେସିବି ମେଶିନ ସାହାଯ୍ୟରେ ଦୋକାନ ଘର ଉଚ୍ଛେଦ କରାଯାଉଛି।

ଚନ୍ଦ୍ରପୁର ବ୍ଲକର ସଦର ମହଙ୍କୁମାର ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ଏବଂ ବସଷ୍ଟାଣ୍ଡକୁ ଲାଗି ରହିଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଗଢ଼ି ଉଠିଥିବା ଦୋକାନ ଘର ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜେସିବି ମେଶିନ ସାହାଯ୍ୟରେ ଛୋଟ ବଡ଼ ମିଶି ମୋଟ ୫୦ଟି ଦୋକାନ ଘର ଉଚ୍ଛେଦ କରାଯାଇଥିବା ଚନ୍ଦ୍ରପୁର ତହସିଲଦାର ଅଶୋକ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଜବରଦଖଲ ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ବିଷମକଟକ ଅତିରିକ୍ତ ତହସିଲଦାର ଝଡେଶ୍ୱର ସଉରା ଉପସ୍ଥିତ ଥିଲେ। ଏହି ସମୟରେ ଚନ୍ଦ୍ରପୁର ତହସିଲଦାର ଅଶୋକ ତ୍ରିପାଠୀ, ଏଡିସନାଲ ତହସିଲଦାର ସରୋଜ କୁମାର ନାୟକ, ଚନ୍ଦ୍ରପୁର ଥାନା ଭାରପ୍ରାପ୍ତ ଅଧିକାରୀ ଆଶ୍ରିତା ଖୀଲକେ, ରାଜସ୍ୱ ସୁପରଭାଇଜର ପ୍ରଦୀପ କୁମାର ପାଣିଗ୍ରାହୀ, ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ଗୌଡ଼, ନୀଳାଚଳ ଗୌଡ଼, ଶିଶିର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ଜିଲା ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ

ଗୁଣପୁର,୨୭।୭ (ପ୍ରଦୀପ କୁମାର ପାଢ଼ୀ)



ନୂତନ କୃଷି ଜିଲା ଅଧିକାରୀଙ୍କୁ ସ୍ୱାଗତ କରାଯାଉଛି ।

ଗୁଣପୁର କୃଷି ଜିଲା ଅଧିକାରୀ ଭାବେ ବୃନ୍ଦାବନ ବେହେରା ଗୁରୁବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ଏଥିପୂର୍ବର ଦାରିଙ୍ଗିବାଡ଼ିରେ ବ୍ଲକ୍ କୃଷି ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ସେ ପଦୋନ୍ନତି ପାଇବା ପରେ ଗୁଣପୁର କୃଷି ଜିଲା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବୃନ୍ଦାବନ ବେହେରା କାର୍ଯ୍ୟରେ ଯୋଗଦାନ କରିବା ପରେ ବିଭାଗର ସମସ୍ତ କ୍ଷେତ୍ର ଅଧିକାରୀ, କର୍ମଚାରୀ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ସେ ଭାରପ୍ରାପ୍ତ କୃଷି ଜିଲା ଅଧିକାରୀ ସୁଜାତା ନିଶଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଗୁଣପୁରରେ କାର୍ଯ୍ୟରତ ଥିବା କୃଷି ଜିଲା ଅଧିକାରୀ ବିଷ୍ଣୁପ୍ରସାଦ ସାହୁ ପଦୋନ୍ନତି ପାଇ ନୟାଗଡ ମୁଖ୍ୟ ଜିଲା କୃଷି ଅଧିକାରୀ ଭାବେ ବଦଳି ହେବା ପରେ ଗୁଣପୁରଠାରେ ଏହି ପଦବୀ ଖାଲି ରହିଥିଲା।

## କୃଷକ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟିତ

ଗୁଣପୁର, ୨୭।୭ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଉମାଶଙ୍କର ଫର୍ଟିଲାଇଜର କାର୍ଯ୍ୟାଳୟଠାରେ ଗୁରୁବାର କୃଷକ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଭାଜପା ଜିଲା ଉପସଭାପତି ୱାଇ.ଗଣପତିଙ୍କ ନେତୃତ୍ୱରେ ସେଠାରେ ଏକ କୃଷକ ସମାବେଶ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସ ଦ୍ୱାରା ୧୫୦୦ କୃଷକ ସମୃଦ୍ଧି କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ମୋଦୀ ଚାଷୀଙ୍କ ପାଇଁ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ କୃଷକଙ୍କୁ ବୁଝାଇଥିଲେ। ଜଣେ ଚାଷୀ, କୃଷକ ସମୃଦ୍ଧି କେନ୍ଦ୍ରରେ ତାହାର ଚାଷ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇପାରିବେ ବୋଲି କୁହାଯାଇଥିଲା । କାର୍ଯ୍ୟକ୍ରମରେ



ନଗର ସଭାପତି ଅମର କୁମାର ସାହୁ , ଜିଲା ସମ୍ପାଦକ ଶ୍ରୀନିବାସ ସ୍ୱାଇଁ, ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢି ପ୍ରମୁଖ ଉପସ୍ଥିତ ଥିଲେ ।

# ଭତ୍ତା ଟଙ୍କା ସମସ୍ୟାର ସମାଧାନକଲେ ବ୍ଲକ୍ ଉପାଧକ୍ଷ

ରାୟଗଡ଼ା,୨୭।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ ଉପାଧକ୍ଷ ହରପ୍ରସାଦ ହେପୃକା ଗୁରୁବାର ଗାଜିଗାଁ ପଞ୍ଚାୟତକୁ ଯାଇ ଭତ୍ତା ଟଙ୍କା ପାଇ ନ ଥିବା ହିତାଧିକାରୀଙ୍କ ଟଙ୍କା ପୋଷ୍ଟ ଅଫିସରୁ ଉଠାଇବାରେ ସହଯୋଗ କରିଥିବା ଜଣାପଡ଼ିଛି।



ବ୍ଲକ ଉପାଧକ୍ଷ ହରପ୍ରସାଦ ହେପୃକା ଜଣେ ହିତାଧିକାରୀଙ୍କୁ ପୋଷ୍ଟାଲ ଆକାଉଣ୍ଟରୁ ଭତ୍ତା ଟଙ୍କା ଉଠାଇବାରେ ସାହାଯ୍ୟ କରୁଛନ୍ତି।

ପ୍ରକାଶ ଥାଉକି, ୫ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଭତ୍ତା ପାଇ ନ ଥିବା ନେଇ ଗାଜିଗାଁ ପଞ୍ଚାୟତର ଶତାଧିକ ବୃଦ୍ଧାବୃଦ୍ଧ ସୋମବାର ରାୟଗଡ଼ା ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ତେବେ ସେମାନଙ୍କ ମଧ୍ୟରୁ ଆଧାର ଲିଙ୍କ୍ ରହିଥିବା ପୋଷ୍ଟାଲ ଆକାଉଣ୍ଟ ଏବଂ ବ୍ୟାଙ୍କ ଆକାଉଣ୍ଟରେ ଭତ୍ତା ଟଙ୍କା ଜମା ହୋଇଥିବା ନେଇ ବିଡିଓ ଲକ୍ଷ୍ମୀନାରାୟଣ ସାବତ ଏବଂ ବ୍ଲକ ଉପାଧକ୍ଷ ହରପ୍ରସାଦ ହେପୃକା ଅବଗତ କରାଇଥିଲେ । ତେବେ ତୃଣମୂଳସ୍ତରରୁ ଏହାର ସମାଧାନ କରିବା ପାଇଁ ବ୍ଲକ ଉପାଧକ୍ଷ ହେପୃକା ଗୁରୁବାର ଗାଜିଗାଁ ଯାଇ ଯେଉଁ ହିତାଧିକାରୀଙ୍କ ଟଙ୍କା ପୋଷ୍ଟାଲ ଆକାଉଣ୍ଟରେ ଜମା ହୋଇଛି ତାକୁ ଉଠାଇବାରେ ସହଯୋଗ କରିଥିଲେ। ହିତାଧିକାରୀମାନେ ଭତ୍ତା ଟଙ୍କା ପାଇଥିବାରୁ ବ୍ଲକ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି । ଆଗାମୀ ଦିନରେ ରାୟଗଡ଼ା ବ୍ଲକର ହିତାଧିକାରୀ ଭତ୍ତା ଟଙ୍କା କିଭଳି ସମୟରେ ପାଇବେ ଏବଂ ଏ ନେଇ ସଚେତନତା କରିବା ମୂଳ ଲକ୍ଷ୍ୟ ବୋଲି ହରପ୍ରସାଦ ପ୍ରକାଶ କରିଛନ୍ତି । ହରପ୍ରସାଦ ରାୟଗଡ଼ା ବ୍ଲକର ଗାଜିଗାଁ ପ୍ରାଥମିକ ବିଦ୍ୟାଳୟ ଓ ପିତାମହଲ ଆଶ୍ରମ ସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ଏଥିସହ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହିତ ଲୋକଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହିତ ହୃଷୀକେଶ କୁଲଦୀପ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ତହସିଲଦାରଙ୍କ ଉପସ୍ଥିତିରେ ୨୩ ପରିବାରଙ୍କ ଜମି ଚିହ୍ନଟ

ଗୁଡ଼ାରି,୨୭।୭ (ପ୍ରମୋଦ କୁମାର ପତି)



ତହସିଲଦାର ଓ ପୋଲିସ ଉପସ୍ଥିତିରେ ଜମି ଚିହ୍ନଟ କରାଯାଉଛି।

ରାୟଗଡ଼ା ଜିଲା ଗୁଡ଼ାରି ରାଜସ୍ୱ ବିଭାଗ ପକ୍ଷରୁ ଗୁରୁବାର ତହସିଲଦାରଙ୍କ ଉପସ୍ଥିତିରେ କରଲାଘାଟି ଗ୍ରାମରେ ଜବରଦଖଲ ହୋଇଥିବା ଜମି ଚିହ୍ନଟ କରାଯାଇ ୨୩ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ରଶାସନ ପକ୍ଷରୁ କରଲାଘାଟି ଗ୍ରାମର ୨୩ ବାସହୀନ ପରିବାରକୁ ବାସଗୃହ ନିର୍ମାଣ ନିମନ୍ତେ ୨ ସେଣ୍ଟ ଲେଖାଏଁ ଜମି ପ୍ରଦାନ କରାଯାଇଥିଲା। ହେଲେ ସେହି ଗାଁର ଜଣେ ବ୍ୟକ୍ତି ଏହି ଜମି ନିଜ ଅଧୀନରେ ରଖିଥିବା ଯୋଗୁ ଏହି ୨୩ ପରିବାର ଗୃହ ନିର୍ମାଣ କରିପାରୁ ନ ଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ତହସିଲଦାର ଭାରତୀ ଦେବୀ ନିଜେ ଉପସ୍ଥିତ ରହି ଜମି ଚିହ୍ନଟ କରି ବାସହୀନ ପରିବାରଙ୍କୁ ଗୃହ ନିର୍ମାଣ ପାଇଁ ଜମି ହସ୍ତାନ୍ତର କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୧୮ ମସିହାରେ ଗାଁରେ ନିଆଁ ଲାଗି ୨୩ ପରିବାର ବାସହୀନ ହୋଇଯାଇଥିଲେ। ସେତେବେଳେ କ୍ଷତିଗ୍ରସ୍ତ ୨୩ ପରିବାରଙ୍କୁ ବାସଗୃହ ନିର୍ମାଣ ନିମନ୍ତେ ପ୍ରଶାସନ ପକ୍ଷରୁ ୨ ସେଣ୍ଟ ଲେଖାଏଁ ଜମି ପ୍ରଦାନ କରାଯାଇଥିଲା। ଉକ୍ତ ପରିବାରକୁ ପୂର୍ବରୁ ଗୁଡ଼ାରି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଘରବାରି ପଟ୍ଟା ମଧ୍ୟ ପ୍ରଦାନ କରାଯାଇଛି। ହେଲେ ସେହି ଗାଁର ଜଣେ ବ୍ୟକ୍ତି ଏହି ଜମିକୁ କବ୍‌ଜା କରି ରଖିଥିବା ଯୋଗୁ ଉକ୍ତ ପରିବାର ଲୋକେ ଗୃହ ନିର୍ମାଣ କରିପାରୁ ନ ଥିଲେ। ଗତ ସୋମବାର ବ୍ଲକର କଦମା ଗ୍ରାମରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଏ ନେଇ ଅଭିଯୋଗ ହୋଇଥିଲା। ଖୁବ୍‌ଶୀଘ୍ର ଏହି ୨୩ ପରିବାରର ଜମି ଚିହ୍ନଟକରି ହସ୍ତାନ୍ତର କରିବାକୁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ତହସିଲଦାର ଭାରତୀ ଦେବୀଙ୍କ ଉପସ୍ଥିତିରେ ଜମି ଚିହ୍ନଟ କରାଯାଇ ଅଗ୍ନିପୀଡ଼ିତା ପରିବାରଙ୍କୁ ନିଜ ନିଜର ଗୃହ ନିର୍ମାଣ ପାଇଁ ସ୍ଥାନ ହସ୍ତାନ୍ତର କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କୌଶଲ୍ୟା ମାମ୍ବଲକା, ଢେପାଗୁଡା ରାଜସ୍ୱ ନିରୀକ୍ଷକ ପ୍ରସାଦ ନିମାଲୁ, ଗୁଡ଼ାରି ରାଜସ୍ୱ ନିରୀକ୍ଷକ ଦେବେନ୍ଦ୍ର ହିମିରିକା, ମେଟୁ ଖିଲିଙ୍ଗିରାଇ ରାଜସ୍ୱ ନିରୀକ୍ଷକ ସନ୍ତୋଷ ଦାସ, ଅମିନ ଅନାସିଂ ଶବର, କର୍ମଚାରୀ ଚିତ୍ତରଞ୍ଜନ ପଣ୍ଡା, ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଜୁଲାଇ, ୨୦୨୩



## ସଂକ୍ଷେପରେ

### ୧୦୦ଲି. ମଦ ଜବତ, ୧୫୦୦ଲି. ପୋଚ ନଷ୍ଟ

#### ଅବକାରୀ ବିଭାଗ, ପୋଲିସର ମିଳିତ ଚଢ଼ାଉ

ପାପଡାହାଣ୍ଡି,୨୭।୭(ସ୍ୱପ୍ନଜିତ ପଟ୍ଟନାୟକ) ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ, ପାପଡ଼ାହାଣ୍ଡି ଏବଂ ମଇଦଲପୁର ପୋଲିସ ମିଳିତ ଚଢ଼ାଉ କରି ୧୦୦ଲିଟର ମଦ ଜବତ କରିଛି। ଏଥିସହ ୧୫୦୦ଲି ପୋଚ ନଷ୍ଟ



କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ଗଙ୍ଗା ପାଇକରାୟଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉ କରାଯାଇଛି। ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ପାପଡ଼ାହାଣ୍ଡି ଅବକାରୀ ଏଏସ୍ଆଇ ଅମିୟ ଖଞ୍ଜ, ଏଏସ୍ଆଇ ତ୍ରିନାଥ ସୌରା, ଏଏସ୍ଆଇ ବାଲକୃଷ୍ଣ ନାୟକ, ଓଆଇସି ଦେଶରାଜ ସୁନା ଏବଂ ପାପଡାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ ଚଢ଼ାଉରେ ସାମିଲ ଥିଲେ। ସେମାନେ ମାଲତିଗୁଡା, ତୁମ୍ବର୍ଲା, ଲାଇବାନପଦର, ବେତଝରଣ, ସେମଳା, ଗାଦବାକୋତ୍ରା, ପିତାରୀଗୁଡା ଓ ମୈଦଲପୁର ଆଦି ଅଞ୍ଚଳରେ ଚଢ଼ାଉ କରିଥିଲେ। ୧୦୦ଲିଟର ମଦ ଜବତ ସହ ୧୫୦୦ଲିଟର ପୋଚ ନଷ୍ଟ କରାଯାଇଛି। ଅବକାରୀ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ ପରେ ନୋଟିସ ଦେଇ ଛାଡି ଦିଆଯାଇଥିବା ସୂଚନା ମିଳିଛି।

### ବାବୁଲି ଡାବୁଗାଁ ନିର୍ବାଚନ ମଣ୍ଡଳୀ ଯୁବକଂଗ୍ରେସ ସଭାପତି

କୋଡିଙ୍ଗା,୨୭।୭(ସମରେନ୍ଦ୍ର ପଟ୍ଟନାୟକ) ଆଗାମୀ ବିଧାନସଭା ନିର୍ବାଚନକୁ ଆଖିରେ ରଖି କଂଗ୍ରେସ ତା'ର ସାଂଗଠନିକ ନିର୍ବାଚନ ଶେଷ କରିଛି। ବିଧିବଦ୍ଧ ଭାବେ ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତିଭାବେ କୋଡିଙ୍ଗାର ବାବୁଲି ଗଣ୍ଡା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହାପରେ ବାବୁଲିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ଜିଲା



ସଭାପତି ମୁନା ତ୍ରିପାଠୀ, ବ୍ଲକ କଂଗ୍ରେସ ସଭାପତି ପଦମସାଏ ମାଳୀ, ଜିଲା ଯୁବ କଂଗ୍ରେସ ସଭାପତି ଡା ଲିପିକା ମାଝି, ବରିଷ୍ଠ କଂଗ୍ରେସ ନେତା ଭୁଜବଳ ମାଝି, ଧରମ ସିଂ, ବାବୁଲି ବାଘ, ବରିଷ୍ଠ କଂଗ୍ରେସ ନେତା ସଞ୍ଜୀବ ବିଷୋୟୀଙ୍କୁ ବାବୁଲି କୃତଜ୍ଞତା ଜ୍ଞାପନ କରିଛନ୍ତି। ଜଣେ ଶୃଙ୍ଖଳିତ କର୍ମୀ ହୋଇ ଦଳକୁ ମଜଭୁତ କରିବାକୁ ଉଦ୍ୟମ କରିବେ ବୋଲି ବାବୁଲି ଗଣ୍ଡା କହିଛନ୍ତି। ପ୍ରକାଶ ଯେ, ଅନ୍‌ଲାଇନରେ ଏହି ନିର୍ବାଚନ କରାଯାଇଥିଲା। କାଷାଗୁମୁଡା ବ୍ଲକ ଅଞ୍ଚଳରେ ବାବୁଲି କଂଗ୍ରେସର ଜଣେ ସୁଦୃଢ଼ ସଂଗଠକ ଭାବେ ପରିଚିତ।

# ଜାତୀୟ ପତାକାକୁ ସମ୍ମାନର ସହ ସଂଯୁକ୍ତ, ଅବତରଣ କରିବାକୁ ପରାମର୍ଶ



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ନବରଙ୍ଗପୁର,୨୭।୭(ସଦାଶିବ ପ୍ରହରାଜ)**

### ଜିଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ନବରଙ୍ଗପୁର ଜିଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଜିଲାପାଳ କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ଦିବସକୁ ଶୃଙ୍ଖଳାର ସହ ପାଳନ କରିବାକୁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିପାଇଁ ଆବଶ୍ୟକ ସମସ୍ତ ପ୍ରସ୍ତୁତି ଠିକ୍‌ଭାବେ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ, ବେସରକାରୀ ଅନୁଷ୍ଠାନ ଜାତୀୟ ପତାକାକୁ ନିୟମାନୁଯାୟୀ ସମ୍ମାନର ସହିତ ପତାକା ସ୍ତମ୍ଭରେ ସଂଯୁକ୍ତ ଏବଂ ଅବତରଣ କରାଇବା ନେଇ ଯତ୍ନବାନ୍ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ଅଗଷ୍ଟ ୧୫ ସକାଳୁ ପ୍ରାତଃ ୫ଟାରେ ରାମଧୁନ୍ ପରିବେଷଣ କରାଯାଇ ସହର ପରିକ୍ରମା କରାଯିବ। ପୂର୍ବାହ୍ନ ୭ରୁ ୮ ମଧ୍ୟରେ ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ମୁଖ୍ୟ ଅତିଥି ସ୍ଥାନୀୟ ଷ୍ଟାଡିୟମରେ ଆନୁଷ୍ଠାନିକଭାବେ ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପରେଡ ଅଭିବାଦନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳିତ ପରେଡ୍ ଉତ୍ସବରେ ପୋଲିସ ବାହିନୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨୫ଟି ଦଳ ସାମିଲ ହେବେ। ବିଭିନ୍ନ ଶିକ୍ଷାନୁଷ୍ଠାନର ୬ଟି ଦଳ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ଦେଶାତ୍ମ ବୋଧକ ସଂଗୀତ ପ୍ରତିଯୋଗିତା ଡିଇଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବ। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରି ଶ୍ରେଷ୍ଠ ବିବେଚିତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବାକୁ ବୈଠକରେ ସ୍ଥିର ହୋଇଛି।

ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପକାରାଗାର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଭାରପ୍ରାପ୍ତ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାଜୀବ ସାହୁ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମଳୟ ତ୍ରିପାଠୀ, ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ର, ସର୍ଜେଣ୍ଟ ଶାନ୍ତନୁ ପ୍ରଧାନୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା କ୍ରୀଡ଼ାଧିକାରୀ ଆଶୁତୋଷ ପାତ୍ର, ନବରଙ୍ଗପୁର ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରହ୍ଲାଦ ତ୍ରିପାଠୀ, ଆଇନଜୀବୀ ରାମପ୍ରସାଦ ପାତ୍ର, ପ୍ରାଧ୍ୟାପକ ଡ. ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ବ୍ୟତିତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍କୁଲ ଶିକ୍ଷକ, କଲେଜ ଅଧ୍ୟାପକ ଓ ବରିଷ୍ଠ ନାଗରିକ ପ୍ରମୁଖ ଯୋଗଦେଇଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ନବରଙ୍ଗପୁର ପୌରାଞ୍ଚଳରେ ରାସ୍ତା ଶୋଚନୀୟ

**ନବରଙ୍ଗପୁର,୨୭।୭(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ପୌରାଞ୍ଚଳର ବିଭିନ୍ନ ରାସ୍ତାଘାଟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବର୍ଷାଦିନେ ନବରଙ୍ଗପୁର ସହରର ରାସ୍ତା ଗ୍ରାମାଞ୍ଚଳ ରାସ୍ତାଠାରୁ ମଧ୍ୟ ଆହୁରି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାର ଉଦାହରଣ ନବରଙ୍ଗପୁର ପୌରାଞ୍ଚଳର ୧୬ ନମ୍ବର ୱାର୍ଡର ରାସ୍ତାକୁ ଦେଖିଲେ ସ୍ପଷ୍ଟ ଜାଣିହେବ। ଉକ୍ତ ୱାର୍ଡର ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଛି।

ନବରଙ୍ଗପୁର ପୌରାଞ୍ଚଳର ସବୁଠାରୁ ଅଧିକ ଭୋଟର ୧୬ ନମ୍ବର ୱାର୍ଡରେ ଅଛନ୍ତି । ଗୋରାମୁଣ୍ଡାରୁ ଗାନ୍ଧୀନଗରକୁ ସଂଯୋଗ କରୁଥିବା ଓ ଗାନ୍ଧୀଛକଠାରୁ ଅନ୍ୟ ୩ଟି ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଖାଲଖମା ସହ କାଦୁଅରେ ଭର୍ତ୍ତି ହୋଇଛି। ଦୀର୍ଘଦିନ ହେଲା ୧୭ ନମ୍ବର ୱାର୍ଡରେ ଗୋରାମୁଣ୍ଡାରୁ ଗାନ୍ଧୀ ଛକ ଓ ଗାନ୍ଧିଛକରୁ ସଂଯୋଗ କରୁଥିବା ରାସ୍ତା ଉନ୍ନତୀକରଣ ପାଇଁ ୪୭ ଲକ୍ଷ ଟଙ୍କାର ଟେଣ୍ଡର ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ମାଟି ପଡ଼ି ନ ଥିବା ଅଭିଯୋଗ ହେଉଛି। ଗାନ୍ଧୀଛକର କିଛି ଦୂରରେ ରହିଛି ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର। ବର୍ଷାଦିନେ ପିଲାମାନେ କାଦୁଅ ଓ ଆବର୍ଜନା ପାଣି ଦେଇ ଯିବାଆସିବା କରୁଛନ୍ତି। ସେହିଭଳି ଗାନ୍ଧୀଛକଠାରୁ ମହିଳା ମହାବିଦ୍ୟାଳୟ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ମଧ୍ୟ ହେଉନାହିଁ। ୩ ଦିଗକୁ ଗାନ୍ଧୀନଗରସ୍ଥିତ ଗାନ୍ଧୀଛକକୁ ୪ଟି ପ୍ରମୁଖ ରାସ୍ତା ସଂଯୋଗ କରୁଛି। ଛକ ନିକଟରେ ସଂଯୋଗୀକରଣ ଆପ୍ରୋଚ୍ ରାସ୍ତା ସମତୁଲ ନ ଥିବାରୁ ଛାତ୍ରୀଛାତ୍ର, ପଥଚାରୀ ଓ ଗାଡ଼ି ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ପୌର ପ୍ରଶାସନ ଦୃଷ୍ଟିଦେଇ ରାସ୍ତାଗୁଡିକର ତୁରନ୍ତ ମରାମତି କରିବାକୁ ଦାବି ହେଉଛି ।

ଏ ନେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କୁ ପଚାରିବାରୁ



ଶୋଚନୀୟ ହୋଇପଡ଼ିଥିବା ଗୋରାମୁଣ୍ଡାରୁ ଗାନ୍ଧୀଛକ ରାସ୍ତା।

ଅଗ୍ନିଶମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରୁନାହିଁ। ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛାଯିବା ପରେ ସଂକୀର୍ଣ୍ଣ ରାସ୍ତାରେ ଆଣ୍ଠୁଏ ଲେଖାଏ ଖାଲ। ଗୋଟିଏ ଗାଡ଼ି ଗଲେ ବିପରୀତ ଦିଗରୁ ଆଉ ଗୋଟିଏ ଗାଡ଼ି ଆସି ପାରୁନାହିଁ। ସେହିଭଳି ଗାନ୍ଧୀ ଛକଠାରୁ ଇନ୍ଦ୍ରା କଲୋନି, ମହାଲକ୍ଷ୍ମୀ କଲୋନି ଦେଇ ଇଚ୍ଛାବତୀଗୁଡା ସାହିକୁ ଗୋରମୁଣ୍ଡାରୁ ଗାନ୍ଧୀଛକ ଓ ଗାନ୍ଧିଛକରୁ ଅଗ୍ନିଶମ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରସ୍ତାକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ହସ୍ତାନ୍ତର କରାଯାଇଛି। ବିଦ୍ୟାଳୟ, ଅଙ୍ଗନୱାଡି, ଇନ୍ଦ୍ରା କଲୋନି ଦେଇ ଇଚ୍ଛାବତୀଗୁଡାକୁ ସଂଯୋଗ ରାସ୍ତା ଟେଣ୍ଡର ହୋଇଛି। ଅତିଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ବୁଝାଶୁଝା ପରେ ୬ ମାସର ଚାଉଳ ନେଲେ ଜାମଲିପଡ଼ାବାସୀ



ହିତାଧିକାରୀଙ୍କ ସହ ସରପଞ୍ଚ ଆଲୋଚନା କରୁଛନ୍ତି।

**ଚନ୍ଦାହାଣ୍ଡି, ୨୭।୭(ଦିଲୀପ ଦାସ)**

### ବିଦ୍ୟୁତ୍ ସଂଯୋଗ ଦାବିକରି ୯ମାସ ତଳେ ଫେରାଇ ଦେଇଥିଲେ ରାଶନ କାର୍ଡ

ନବାରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବେହେରାମୁଣ୍ଡା ପଞ୍ଚାୟତ ଅଧୀନ ଜାମଲିପଡ଼ା ଗ୍ରାମର ୧୨ଜଣ ହିତାଧିକାରୀ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ଦାବିକରି ରାଶନ କାର୍ଡ ଫେରାଇବା ସହ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ଚାଉଳ ଆଣୁ ନ ଥିଲେ। ଗୁରୁବାର ବେହେରାମୁଣ୍ଡା ସରପଞ୍ଚ ଚନ୍ଦ୍ରିକା ଧୁରୁଆ ନାଏବ ସରପଞ୍ଚ ଦୁର୍ବଳ କୁମାର ସାହୁ, ରୋଜଗାର ସହାୟକ ମୁକେଶ କୁମାର ସାହୁ, ଏବଂ ସାମାଜିକ କର୍ମୀ ତଥା ପୂର୍ବତନ ସରପଞ୍ଚ ଦଶରଥ ଧୁରୁଆ ଗ୍ରାମକୁ ଯାଇ ହିତାଧିକାରୀଙ୍କୁ ବୁଝାଶୁଝା କରିଥିଲେ। ସେମାନେ ଗ୍ରାମବାସୀଙ୍କୁ ୬ ମାସର ଚାଉଳ ଦେଇଥିଲେ। ଗ୍ରାମରେ ବିଦ୍ୟୁତ୍ ସଂଯୋଗ ଏବଂ ରାସ୍ତାଘାଟ ବ୍ୟବସ୍ଥା ଓଡ଼ିଶା ସରକାର ନ କରିବା ଯାଏ ରାଶନ ସାମଗ୍ରୀ ଗ୍ରହଣ କରିବେ ନାହିଁ ବୋଲି ହିତାଧିକାରୀ କହିଥିଲେ। ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ସରପଞ୍ଚ କହିଥିଲେ। ଏହାପରେ ଗ୍ରାମବାସୀ ପିଡିଏସ୍ ଚାଉଳ ଗ୍ରହଣ କରିଥିଲେ।

ପ୍ରକାଶ ଯେ, ଗାଁରେ ବିଦ୍ୟୁତ୍ ସଂଯୋଗ ଦାବିକରି ଦୀର୍ଘ ୯ ମାସ ତଳେ ବେହେରାମୁଣ୍ଡା ସରପଞ୍ଚ ଚନ୍ଦ୍ରିକା ଧୁରୁଆଙ୍କୁ ଗ୍ରାମକୁ ଡାକି ରାଶନ କାର୍ଡ ଫେରସ୍ତ କରିଥିଲେ। ଏଥିସହ ପଡୋଶୀ ଛତିଶଗଡ଼ରେ ମିଶିବା ପାଇଁ ଜିଦ୍ ଧରି ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଉଥିବା ଚାଉଳ ଆଣୁ ନ ଥିଲେ। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ୬ ମାସ ତଳେ ଗାଁକୁ ଯାଇ ୭ ଦିନ ରେ ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରିବାକୁ କହିଥିଲେ ମଧ୍ୟ ଏଯାଏ ତାହା ପୂରଣ ହୋଇପାରିନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ ନିଜ ଜିଦ୍‌ରେ ରାଶନ ସାମଗ୍ରୀ ଆଣୁନାହାନ୍ତି। ସେମାନେ ଯେପରି ହଇରାଣ ନ ହେବେ ସେଥିପାଇଁ ଗ୍ରାମକୁ ଯାଇ ରାଶନ ସାମଗ୍ରୀ ଯୋଗାଇ ଥିବା ସରପଞ୍ଚ କହିଛନ୍ତି। ହିତାଧିକାରୀଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ସେ ପ୍ରୟାସ କରିବେ ବୋଲି କହିଛନ୍ତି। ସରପଞ୍ଚ ଚନ୍ଦ୍ରିକା ଧୁରୁଆ ବର୍ଷାରେ ଭିଜି ଛତିଶଗଡ ସୀମାନ୍ତ ଗ୍ରାମକୁ ଯାଇ ଲୋକଙ୍କ ପାଖରେ ଖାଉଟି ସାମଗ୍ରୀ ପହଞ୍ଚାଇଥିବାରୁ ତାଙ୍କୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

### ମାନସ ରଞ୍ଜନ ନବରଙ୍ଗପୁର ବଣିକ ସଂଘ ସଭାପତି

**ନବରଙ୍ଗପୁର,୨୭।୭(ସଦାଶିବ ପ୍ରହରାଜ)**



ନବରଙ୍ଗପୁର ବଣିକ ସଂଘ ସଭାପତି ପଦବୀ ପାଇଁ ଗୁରୁବାର ସ୍ଥାନୀୟ ସୌରାସାହି କଲ୍ୟାଣ ମଣ୍ଡପରେ ନିର୍ବାଚନ କରାଯାଇଛି। ପି.ଏଲ୍.ମୂର୍ତ୍ତି ଓ ଶ୍ରୀନିବାସ ରାଓ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାବେଳେ ମାନସ ରଞ୍ଜନ ଦାଶ (କାହ୍ନୁ) ଓ ପ୍ରଶାନ୍ତ କୁମାର ପଣ୍ଡା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୨୩୭ ଜଣ ମତଦାନ କରିଥିଲେ। ମାନସ ୨୦୨ ଭୋଟ ପାଇଥିବାବେଳେ ପ୍ରଶାନ୍ତଙ୍କୁ ୨୭ ଭୋଟ ମିଳିଥିଲା। ୮ଟି ଭୋଟ ନାକଚ ହୋଇଥିଲା। ୧୭୫ ଭୋଟରେ ଆଗୁଆ ରହି ମାନସ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ସୁବାସ ଜୈନ ନିର୍ବାଚନ ଅଧିକାରୀଭାବେ ଦାୟିତ୍ୱ ତୁଲାଇଥିଲେ। ଦିନେଶ ଜୈନ, ରବୀନ୍ଦ୍ର ସ୍ୱାଇଁ, ପି.ରାଜଶେଖର, କେ. ପ୍ରତାପ ଓ ପି.ଉମା ମହେଶ୍ୱର ରାଓ ଏଥିରେ ସହଯୋଗ କରିଥିଲେ।

### ଗଛ ପଡ଼ି ରାସ୍ତା ଅବରୋଧ

**ଗୁଣପୁର,୨୭।୭ (ପ୍ରଦୀପ କୁମାର ପାଢ଼ୀ)**

ଲଗାଣ ବର୍ଷା ଯୋଗୁ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଶିରିଖୋଲି ରାସ୍ତାକଡ଼ରେ ଥିବା ଏକ ବିରାଟ ଗଛ ଭାଙ୍ଗି ପଡିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ସେଠାରେ ପହଞ୍ଚି ଗଛ କାଟି ରାସ୍ତା ଉପରୁ ହଟାଇଥିଲେ। ଏହାପରେ ସେହି ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

**ନବରଙ୍ଗପୁର,୨୭।୭(ସଦାଶିବ ପ୍ରହରାଜ)**

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡେପୁଟି କଲେକ୍ଟର ନିର୍ମଳ କୁମାର ନାୟକ ଦାବିପତ୍ର ଗ୍ରହଣ କରିଛନ୍ତି। ଭାରତର ବସବାସ କରୁଥିବା ଆଦିବାସୀଙ୍କ ଉପରେ ହେଉଥିବା ନିର୍ଯାତନା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

ମଣିପୁର ରାଜ୍ୟର ଆଦିବାସୀଙ୍କୁ ଦିଆଯାଇଥିବା ନିର୍ଯାତନା, ଆଦିବାସୀ ମହିଳାଙ୍କୁ ନିର୍ଯାତନା, ନାଗରିକ ସମାନତା ଆଇନ ବିରୋଧରେ ସମ୍ବିଧାନିକ ଧାରା ୨୪୪(୧)(୨),୫ମ ଓ ୬ଷ୍ଠ ଅନୁଚ୍ଛେଦ ଆଇନକୁ ଠିକ୍ ଭାବେ ଲାଗୁ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ପରିଷଦ ଅଧ୍ୟକ୍ଷ ଦାମୋଦର ପୂଜାରୀ, ଭାରତ ମୁକ୍ତିମୋର୍ଚ୍ଚା ସଂଯୋଜକ ନରହରି ନାୟକ, ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝି, ବହୁଜନ କ୍ରାନ୍ତି ମୋର୍ଚ୍ଚା ସଂଯୋଜକ ବଭ୍ରୁ ବହନ ନାୟକ, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ଜିଲା ସଂଯୋଜକ ଟିଙ୍କା ଭତରା, ମୂଳନିବାସୀ ଜିଲା ସଭାପତି ଡମ୍ବରୁସିଂ ମାଝି, ଭାସ୍କର ମାଝି, ତ୍ରିନାଥ କୁଳଦୀପ, ଲିଙ୍ଗରାଜ ନାୟକ, ପ୍ରକାଶ ଭତରା ଓ ହେମନ୍ତ ଗଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଡେପୁଟି କଲେକ୍ଟର ନିର୍ମଳ କୁମାର ନାୟକ ଦାବିପତ୍ର ଗ୍ରହଣ କରୁଛନ୍ତି।

# ଫୁଲଚାଷ ଜୈବ ବିବିଧତା ସୁରକ୍ଷାରେ ସହାୟକ ହୋଇପାରିବ

**ନବରଙ୍ଗପୁର,୨୭।୭(ସଦାଶିବ ପ୍ରହରାଜ)**

ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ ଲକ୍ଷ୍ନୌ ପକ୍ଷରୁ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ବିଭିନ୍ନ ପଞ୍ଚାୟତରେ ସମନ୍ୱିତ ଫୁଲଚାଷ ଆରମ୍ଭ କରାଯାଇଛି। ବଡ଼କୁମାରୀରେ ଅନୁଷ୍ଠିତ ତାଲିମ ଓ ଫୁଲଚାରା ବଣ୍ଟନ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ ବରିଷ୍ଠ ପ୍ରଧାନ ବୈଜ୍ଞାନିକ ଡ. ଚନ୍ଦ୍ରଶେଖର ମହାନ୍ତି ଉପସ୍ଥିତ ଥିଲେ। ଫୁଲ ଚାଷ ନବରଙ୍ଗପୁର ଜିଲାର ଜୈବ ବିବିଧତା ସୁରକ୍ଷାରେ ସହାୟକ ହୋପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏଥିସହ ଫଳ ଓ ପନିପରିବା ଚାଷୀଙ୍କୁ ଅଧିକ ଲାଭ ମିଳିପାରିବ ବୋଲି କହିଛନ୍ତି। ଫୁଲଚାଷ ହେଲେ ମହୁମାଛି ମାଧ୍ୟମରେ ପନିପରିବା ଓ ଫଳ ଚାଷରେ ପରାଗ ସଙ୍ଗମ ବୃଦ୍ଧି ପାଇବ। ସଙ୍ଗେ ସଙ୍ଗେ ଉତ୍ପାଦନ ବୃଦ୍ଧି ହେଉଥିବାରୁ ଓଡ଼ିଶା ଜୀବିକା ମିଶନରର ସହଯୋଗରେ ଛୋଟ ଛୋଟ ଚାଷୀଙ୍କୁ ଯୋଡ଼ି ମହୁଚାଷ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଡ. ମହାନ୍ତି କହିଛନ୍ତି। ମଲ୍ଲୀ ଓ ରଜନୀଗନ୍ଧା ଫୁଲଚାଷରେ ରୋଗ ଓ ପୋକ ସହ ସାର



ଏସ୍‌ଏଚ୍‌ଜି ମହିଳାଙ୍କୁ ଫୁଲଚାରା ଦିଆଯାଉଛି।

### ପୁଷ୍ପ କୃଷି ମିଶନ ଜରିଆରେ ଫୁଲଚାଷ

ପ୍ରୟୋଗ ପରିଚାଳନା ସମ୍ପର୍କରେ ପ୍ରଧାନ ବୈଜ୍ଞାନିକ ଡ. ସନ୍ଦୀପ ବେହେରା ଅବଗତ କରିଥିଲେ । ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ସରୋଜ କୁମାର ଧୁରୁଆ ଓ ମିଶନ ଶକ୍ତି ବ୍ଲକ କୋଅର୍ଡିନେଟର ଜୟନ୍ତ ପ୍ରସାଦ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଜିଏଲଏଫ୍ ସଭାନେତ୍ରୀ ରୁକ୍ମିଣୀ ହରିଜନ, ଏମ୍‌ବିକେ ରୂପବାଲୀ ଭାତ୍ରା ଉପସ୍ଥିତ ଏସ୍‌ଏଚ୍‌ଜି ମହିଳାଙ୍କୁ ରଜନୀଗନ୍ଧା ଓ ମଲ୍ଲୀଫୁଲ ଚାରା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପୂଜାରିଗୁଡ଼ା, ଯାମୁଣ୍ଡା ବେହେରା, ସେମେଳା, ଭାଲୁଗୁଡ଼ା, କୁତୁଗୁଡ଼ା, ସାନଭରଣ୍ଡି, ବଡ କୁମାରୀ, ଭାମିନିର ୧୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୧୫ ଏକର ପାଇଁ ଫୁଲ ଚାରା ବଣ୍ଟନ କରାଯାଇଥିଲା। ସ୍ଥାନୀୟ କୃଷିମିତ୍ର,ସି ଆର୍ ପି ଓ ଏମ୍‌ବିକେ ଓ କୃଷି ଉଦ୍ୟୋଗୀ ସୁଜିତ୍ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସାମାଜିକ ସୁରକ୍ଷା ଯୋଜନା ଭତ୍ତା ତାଲିକା ତ୍ରୁଟିପୂର୍ଣ୍ଣ

**ତେନ୍ତୁଲିଖୁଣ୍ଟି, ୨୭।୭(ଚିଦାନନ୍ଦ ସାହୁ)**

- କଟୁନି ମୃତକଙ୍କ ନାଁ
- ତାଲିକାରେ ପୁରୁଷ ନାମକୁ ଲିଙ୍ଗ ମହିଳା

ରାଜ୍ୟ ଓ କେନ୍ଦ୍ର ଉଭୟ ସାମାଜିକ ସୁରକ୍ଷା ପାଇଁ ପ୍ରାୟ ୧୮ ଯୋଜନା କରିଛନ୍ତି। ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଆଦିଙ୍କୁ ମାସିକ ୫୦୦ ଟଙ୍କା ଭତ୍ତା ଦେବାର ବ୍ୟବସ୍ଥା ରହିଛି। ତେନ୍ତୁଲିଖୁଣ୍ଟି ବ୍ଲକରେ ଗତ କିଛି ବର୍ଷ ହେଲା ନୂତନ ଭତ୍ତା ପ୍ରାୟତଃ ଦିଆଯାଉନାହିଁ। କାଁଭାଁ ଭତ୍ତାଧାରୀଙ୍କ ମୃତ୍ୟୁ ପରେ ଉକ୍ତ ଭତ୍ତା ଅନ୍ୟ ଜଣେ ହିତାଧିକାରୀ ବିଶେଷଭାବେ ଦିବ୍ୟାଙ୍ଗ ଓ ବିଧବା ଆବେଦନକାରୀଙ୍କୁ ଦିଆଯାଉଛି। କିନ୍ତୁ କେତେକ ସ୍ଥଳରେ ଭତ୍ତାଧାରୀଙ୍କ ମୃତ୍ୟୁ ପରେ ମଧ୍ୟ ତାଲିକାରୁ ନାମ କଟାଯାଉନାହିଁ। ଏନ୍‌ଏସ୍‌ଏପି ସାଇଟ୍‌ରେ ୧୮ଟି ସାମାଜିକ ସୁରକ୍ଷା ଯୋଜନା ଥିବାବେଳେ ସେଥିରେ ବ୍ୟତିକ୍ରମ ଦେଖାଦେଇଛି।

ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ ଦେଓପାଲି ପଞ୍ଚାୟତର ଭତ୍ତା ତାଲିକା ଦେଖିବାରୁ କେତେକ ଅସଂଗତି ଦେଖାଦେଇଛି। ଏନ୍‌ଏସ୍‌ଏପି ସାଇଟ୍‌ରେ ଗୌଡ଼ ଦେଓପାଲି ପଞ୍ଚାୟତର ୧୮ ସାମାଜିକ ସୁରକ୍ଷା ଯୋଜନାରୁ ଇନ୍ଦିରା ଗାନ୍ଧୀ ଓଲ୍ଡଏଜ୍ ପେନ୍‌ସନ ୧୫୫, ଇନ୍ଦିରା ଗାନ୍ଧୀ ଜାତୀୟ ଡିସେବିଲିଟି ପେନ୍‌ସନ ୨, ଜାତୀୟ ପରିବାର କଲ୍ୟାଣ ସ୍କିମ୍‌ରେ ୨, ମଧୁବାବୁ ପେନ୍‌ସନ ଡିସଏବିଲିଟିରେ ୧୦, ମଧୁବାବୁ ଓଲ୍ଡଏଜ୍ ପେନ୍‌ସନ ୧୪୪, ମଧୁବାବୁ ପେନ୍‌ସନ ବିଧବା ପେନ୍‌ସନ ୪୪, ମଧୁବାବୁ ପେନ୍‌ସନ ସ୍ୱତନ୍ତ୍ର ଭିନ୍ନକ୍ଷମ ଯୋଜନାରେ ୨ ଜଣଙ୍କ ନାମ ରହିଛି। ସେମାନଙ୍କ ମଧ୍ୟରୁ କେତେଜଣ ପଞ୍ଚାୟତ ବାସିନ୍ଦା ହୋଇ ନ ଥିବାବେଳେ ଭତ୍ତା ତାଲିକାରେ ନାମ ରହିଛି। ଏମ୍‌ପିପିଡିପି ଯୋଜନାରେ ଜଣେ ହିତାଧିକାରୀଙ୍କ ନାମ ଆଶିଷ ରଞ୍ଜନ ସାହୁ ପିତା ପରମା ନନ୍ଦ ଉଲ୍ଲେଖ ଅଛି। ସେହିଭଳି ସୁବଳମ କଟିମ୍, ତାରା ସାନ୍ତା, ମଙ୍ଗାଇ ଗଦବାଙ୍କ ନାମ ଭତ୍ତାଧାରୀ ଭାବେ ଉଲ୍ଲେଖ ରହିଛି। ପୂର୍ବତନ ସରପଞ୍ଚ ରାଧା ଜାନୀ ଓ ଗୁରେଇ ଜାନୀ ଦୀର୍ଘ ବର୍ଷ ହେବ ପଞ୍ଚାୟତରେ ରହୁ ନ ଥିବାବେଳେ ସେମାନଙ୍କ ନାମ ଉକ୍ତ ତାଲିକାରେ ରହିଛି। ସେମାନଙ୍କ ଭତ୍ତା କିପରି ଜମା ହେଉଛି, ପାସ୍‌ବୁକ୍ ଚାଲୁ ଅଛି କି, ନା କେବଳ ତାଲିକାରେ ନାମ ଅଛି ବୋଲି ବୁଦ୍ଧୀଜୀବୀ ପ୍ରଶ୍ନ କରିଛନ୍ତି। ତାଲିକାରେ ବଂଶୀଧର ମିଶ୍ରଙ୍କୁ ମହିଳା ବୋଲି ଉଲ୍ଲେଖ କରାଯାଇଛି। ସେହିଭଳି ଭତ୍ତାଧାରୀଙ୍କ ମୃତ୍ୟୁ ପରେ ନାମ କଟୁ ନ ଥିବା ଜଣାପଡ଼ିଛି। ପଞ୍ଚାୟତରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ କରାଯାଉନି କି, ଯଦି କରାଯାଉଛି ଭତ୍ତାଧାରୀଙ୍କ ମୃତ୍ୟୁ ପରେ କାହିଁକି ତାଲିକାରୁ କଟାଯାଇନି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ନୂଆ ମାଝିଗୁଡ଼ାର ବିଶ୍ୱ ଝଡ଼ିଆ ଓ ପଦଲମ ମୁଦୁଲି, ହିରୁଗୁଡ଼ାର ତାରାବତୀ ମୁଦୁଲି ଓ ପାଣ୍ଡି ମାଝି, ଡଙ୍ଗାଝରଣର ତାରା ଭତ୍ରା ଓ ଦିରଜ ଜାନୀ, ଡାଇକର କୁନ୍ଦ ଗୌଡ଼, ଭୀମକୁଟର ସୁନାଧର ପାଇକଙ୍କ ମୃତ୍ୟୁ ପରେ ମଧ୍ୟ ଭତ୍ତା ତାଲିକାରେ ନାମ ରହିଛି। ଉକ୍ତ ପଞ୍ଚାୟତରେ ଅଫ୍‌ଲାଇନରେ ରାଶନ ସାମଗ୍ରୀ ଦିଆଯାଉଛି, ସେଠି ମଧ୍ୟ ମୃତକ ନାମରେ ଚାଉଳ ଉଠୁନି ତ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ମୃତକଙ୍କ ନାମ କାଟିଲେ ନୂଆ ହିତାଧିକାରୀ ଭତ୍ତା ପାଇବେ, ଜନ୍ମ ମୃତ୍ୟୁ ପଞ୍ଜୀକରଣ ରେଜିଷ୍ଟର ଅପ୍‌ଡେଟ୍ ରଖିବାକୁ କହିବା ପରେ ମଧ୍ୟ ପିଇଓ ଏ ଦିଗରେ ଦୃଷ୍ଟି ଦେଇ ନ ଥିବା ସରପଞ୍ଚ ପ୍ରମିଳା ମୁଦୁଲି କହିଛନ୍ତି। ଏନ୍‌ଏସ୍‌ଏପି ସାଇଟ୍‌ରେ ଥିବା ଭତ୍ତା ତାଲିକାରେ ଥିବା ତ୍ରୁଟି ସମ୍ପର୍କରେ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ବିଏସ୍‌ଏସ୍‌ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ କଥା ହୋଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିଏସ୍‌ଏସ୍‌ଓ ରବୀନ୍ଦ୍ର ସାହୁଙ୍କୁ ପଚାରିବାରୁ ଅଙ୍ଗନୱାଡି କର୍ମୀଙ୍କୁ ପଚାରି ଭତ୍ତା ତାଲିକା ଅପ୍‌ଡେଟ୍ କରାଯିବ। ଏନ୍‌ଏସ୍‌ଏପି ସାଇଟ୍‌ରେ ମଧ୍ୟ କିଛି ଅପ୍‌ଡେଟ ହୋଇଛି କି ନାହିଁ ତାହାର ସମୀକ୍ଷା ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମଣିପୁର ଘଟଣା ନେଇ ଏଏପିର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କୋରାପୁଟ,୨୭।୭(ଅମିତାଭ ବେହେରା)- ମଣିପୁର ଘଟଣାକୁ ନେଇ କୋରାପୁଟ ଜିଲା ଆମ ଆଦମୀ ପାର୍ଟି (ଏଏପି) କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁରୁବାର ଜିଲା ପ୍ରଶାସନକୁ ପ୍ରଦାନ କରିଛି। ଏହି ଘଟଣାରେ ସଂପୃକ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରି ତାଙ୍କୁ କୋଠର ଦଣ୍ଡରେ ଦଣ୍ଡିତ କରିବାକୁ ଦଳ ଦାବି କରିଛି। ମଣ୍ଡିପୁର ଘଟଣା ଉଦ୍ଦେଶ୍ୟମୂଳକ ଭାବେ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏଏପିର ଜିଲା କମିଟି ସଦସ୍ୟ ରବି ନାରାୟଣ ପାତ୍ର, ବୈକୁଣ୍ଠନାଥ ସାହୁ, ପ୍ରଫୁଲ୍ଲ ଖୋସଲ୍ଲା, ସତ୍ୟପ୍ରିୟ ଖୋସ୍ଲା, ସଞ୍ଜୟ ବାଗଙ୍କ ବହୁ କର୍ମକର୍ତ୍ତାମାନେ ବିଭିନ୍ନ ପ୍ଲାକାର୍ଡମାନ ଧରି ସହର ପରିକ୍ରମା କରି କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନମାନ ଦେଇଥିଲେ।

### ପାପରମେଟଲାରେ ଥାନା ଗୃହ ଉଦ୍‌ଘାଟିତ

ଚିତ୍ରକୋଣ୍ଡା,୨୭।୭(କ୍ଷୀରୋଦ ବେହେରା)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପାପରମେଟଲା ଥାନା ଦୀର୍ଘ ବର୍ଷ ହେଲା ବଡ଼ପଡ଼ା ପଞ୍ଚାୟତ ବଡ଼ପଡ଼ାଠାରେ ଚାଲି ଆସୁଥିଲା। ଏବେ ଉକ୍ତ ଥାନାର ନୂତନ ଗୃହ ପାପରମେଟେଲା ପଞ୍ଚାୟତ ଯନ୍ତାପାଇ ନିକଟରେ ନିର୍ମାଣ ସରିବା ପରେ ଗୁରୁବାର ଉଦ୍‌ଘାଟିତ ହୋଇଛି। କୋରାପୁଟ ଡିଆଇଜି ଚରଣ ସିଂ ମିନା, ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ନୀତିଶ ୱାଧୱାନ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଚିତ୍ରକୋଣ୍ଡା ଏସ୍‌ଡିପିଓ ଆରଲେକସିସି କିସପୋଟା, ପାପରମେଟେ ସରପଞ୍ଚ ନରସିଂହ ସିନ୍ଧେରି, ଆଖପାଖ ପଞ୍ଚାୟତର ପଞ୍ଚାୟତ ପ୍ରତିନିଧି, ଅନ୍ୟ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପାପରମେଟେଲା ଥାନା ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ଉକ୍ତ ଥାନା ବଡପଡାରୁ ପାପରମେଟଲାକୁ ସ୍ଥାନାନ୍ତର ହେବା ଫଳରେ ବଡ଼ପଡ଼ା, ପାପରମେଟେଲା, ଧୂଳିପୁଟ ତଥା ଆନ୍ଧ୍ର ଓଡିଶା ସୀମାନ୍ତ ଅଞ୍ଚଳର ଗ୍ରାମବାସୀମାନେ ଉପକୃତ ହେବେ ବୋଲି କୁହାଯାଉଛି।

### ଯୁବକଙ୍କ ଆତ୍ମହତ୍ୟା

ରାୟଗଡ଼ା,୨୭।୭(ଆଶିଷ ରଞ୍ଜନ ପଣ୍ଡା)- ରାୟଗଡ଼ା ସହରସ୍ଥିତ ବିଦ୍ୟାନଗର ଚତୁର୍ଥ ଲେନ୍‌ର ଜଣେ ଯୁବକ ବୁଧବାର ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହେଲେ ନରେନ୍ଦ୍ର ରାଉଳ (୨୮)। ସେ ଏକ ଘରୋଇ ସଂସ୍ଥାରେ ଚାକିରି କରୁଥିଲେ। ଗୁରୁବାର ପ୍ରାୟ ସାଢ଼େ ୩ଟାରେ ଘରେ ନିଜ ରୁମ୍‌ରେ ପଙ୍ଖାରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ଘରେ ଥିବା ତାଙ୍କ ମା'ବାପା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ନରେନ୍ଦ୍ର କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଅପରପକ୍ଷେ ପୋଲିସ ଏ ନେଇ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି।

# ସୋର୍ଲୁକୋଣ୍ଡା ବ୍ୟାରେଜର ୨ ମୁଖ୍ୟ ଫାଟକ ଅଚଳ

ବାଲିମେଳା, ୨୭।୭(ଶିବଦତ୍ତ ସାହୁ)



- ନୀରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ
- କରାଯାଉନି ମରାମତି, ଚିନ୍ତାରେ ନଦୀ କୂଳିଆ ଗ୍ରାମବାସୀ
- ୨ ବର୍ଷ ହେବ ବ୍ୟାରେଜକୁ ବିଦ୍ୟୁତ୍ ସେବା ବନ୍ଦ

ମାଲକାନଗିରି ଜିଲା ବାଲିମେଳା ସହରରେ ରହିଛି ପୋଟେରୁ ଜଳ ସେଚନ ପ୍ରକଳ୍ପର କାର୍ଯ୍ୟାଳୟ। ଜିଲାର ଚାଷୀଙ୍କୁ ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ସୋର୍ଲକୋଣ୍ଡା ଠାରେ ଥିବା ବ୍ୟାରେଜରୁ ତମସା ଓ ଗୋମ୍ପାକୋଣ୍ଡା ଦୁଇଟି ମୁଖ୍ୟ କେନାଲ ଦ୍ୱାରା ଚାଷ ପାଇଁ ଆବଶ୍ୟକ ଜଳ ଯୋଗାଇ ଦିଆଯାଉଛି। ତେବେ ପୋଟେରୁ ଜଳସେଚନ ପ୍ରକଳ୍ପ ଦ୍ୱାରା ହେଉଥିବା ଉନ୍ନତମାନର କାର୍ଯ୍ୟକୁ ଦୃଷ୍ଟିରେ ରଖି ଗତ କିଛିଦିନ ତଳେ ନୂଆଦିଲ୍ଲୀ ଠାରେ ଏହି ପ୍ରକଳ୍ପକୁ ପ୍ଲାଟିନମ ପୁରସ୍କାର ମଧ୍ୟ ମିଳିଛି । ତେବେ ୪୦ରୁ ଊର୍ଦ୍ଧ୍ୱ ବର୍ଷ ତଳେ ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ସୋର୍ଲକୋଣ୍ଡାଠାରେ ନିର୍ମିତ ବ୍ୟାରେଜର ୫ଟି ମୁଖ୍ୟ ଫାଟକ ମଧ୍ୟରୁ ବର୍ତ୍ତମାନ ୨ଟି ଫାଟକ ସମ୍ପୂର୍ଣ୍ଣ ଅଚଳ ହୋଇ ପଡିରହିଛି । ସୋର୍ଲକୋଣ୍ଡା ବ୍ୟାରେଜକୁ ବିଦ୍ୟୁତ୍ ଯୋଗାଣ ପ୍ରାୟ ଦୁଇବର୍ଷ ହେବ ବନ୍ଦ ରହିଛି। ସେଠାରେ ଥିବା ଗୋଟିଏ ଜେନେଟରରୁ ବାହାରୁଥିବା ବିଦ୍ୟୁତ୍ ଦ୍ୱାରା ଗେଟଗୁଡିକ ଖୋଲିବା ଓ ବନ୍ଦ କରିବା କରାଯାଉଛି । ପ୍ରାୟ ୪ବର୍ଷ ହେବ ବ୍ୟାରେଜରେ ଥିବା ୫ ନମ୍ବର ଗେଟର ଟନେଲ ଛିଣ୍ଡି ଯାଇଥିବାରୁ ଉକ୍ତ ଗେଟ୍‌ଟି ସେବେଠାରୁ ମରାମତି ନ ହୋଇ ଏପର୍ଯ୍ୟନ୍ତ ପଡି ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଜିଲାରେ ଗତ କିଛି ଦିନ ଧରି ଲଗାଣ ବର୍ଷା ଜାରି ରହିଥିବାରୁ ବର୍ଷା ଜଳ ବାଲିମେଳା ନଦୀରେ ପ୍ରବେଶ କରିବା ପରେ ନଦୀ ଫୁଲିବା ସହ ବ୍ୟାରେଜରେ କ୍ଷମତାଠାରୁ ଅଧିକ ପରିମାଣର ପାଣି ଜମା ହୋଇଥିଲା। ଅତ୍ୟଧିକ ପାଣି ହେବାରୁ ଫାଟକଗୁଡିକ ଉପରଦେଇ ପାଣି ନିଷ୍କାସିତ କାଯାଇଥିଲା ବୋଲି ଅଞ୍ଚଳବାସୀ କହିଛନ୍ତି। ଏଭଳି ସ୍ଥିତିରେ ଉକ୍ତ ବ୍ୟାରେଜରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ଜେନେରେଟର ଷ୍ଟାର୍ଟ କରି ଫାଟକ ଖୋଲିବାକୁ ଉଦ୍ୟମ କରିଥିଲେ। ଜେନେରେଟର ଷ୍ଟାର୍ଟ ନ ହେବାରୁ କର୍ମଚାରୀମାନେ ହ୍ୟାଣ୍ଡେଲ ଜରିଆରେ ୩ନମ୍ବର ଫାଟକ ଖୋଲୁଥିବା ସମୟରେ ଜଳର ଚାପ ଯୋଗୁ ଫାଟକ ଖୋଲିବାରେ ସମସ୍ୟା ଉପୁଜିଥିଲା। ଏହି ସମୟରେ ସେଥିରେ ଲଗାଯାଇଥିବା ଲୁହାର ଚେନ୍ ଛିଡିଯାଇଥିଲା। ଫଳରେ ଏବେ ବ୍ୟାରେଜର ଦୁଇଟିଯାକ ଗେଟ୍ ସମ୍ପୂର୍ଣ୍ଣ ବନ୍ଦ ହୋଇ ରହିଛି । ଅନ୍ୟ ୩ଟି ଗେଟରେ ଜଳ ନିଷ୍କାସନ ପାଇଁ ଏହାକୁ ଖୋଲାଯାଇଛି। ଆସନ୍ତା ୩୦ ପର୍ଯ୍ୟନ୍ତ କିମ୍ବା ଆବଶ୍ୟକ ହେଲେ ପାଗ ପରିବର୍ତ୍ତନ ହେବା ପର୍ଯ୍ୟନ୍ତ ତମସା ଓ ଗୋମ୍ପାକୋଣ୍ଡା କେନାଲରେ ଜଳ ଯୋଗାଣ ବନ୍ଦ ରଖାଯିବାକୁ ବିଭାଗ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଦୀର୍ଘ ଦୁଇ ବର୍ଷ ଧରି ବ୍ୟାରେଜରେ ବିଦ୍ୟୁତ୍ ବ୍ୟବସ୍ଥା ବନ୍ଦ ରହିବା ସହ ଅଚଳ ହୋଇ ପଡିଥିବା ୫ନମ୍ବର ଫାଟକକୁ ମରାମତି ମଧ୍ୟ କରାଗଲା ଯାଇନାହିଁ। ରକ୍ଷଣା ବେକ୍ଷଣ ଅଭାବରୁ ଦୁଇଦିନ ତଳେ ୩ ନମ୍ବର ଫାଟକ ଅଚଳ ହୋଇ ପଡିରହିଛି। ଏପରି ସମସ୍ୟା ଯୋଗୁ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବାରୁ ନଦୀର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଥିବା ଜଣାପଡ଼ିଛି। ଏସମ୍ପର୍କରେ ଉକ୍ତ ବ୍ୟାରେଜ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୀନବନ୍ଧୁ ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଗେଟ ଗୁଡିକ ମରାମତି କରିବା ସମ୍ପର୍କରେ ଆମ୍ବାଗୁଡାଠାରେ ଥିବା ମେକାନିକାଲ ଡିଭିଜନକୁ ରିକୁଏଶନ ପଠାଯାଇଛି। କିଛିଦିନ ତଳେ ଡିଭିଜନ ପକ୍ଷରୁ ଏହାର ମରାମତି ନିମନ୍ତେ ଏକ ଟିମ୍ ଆସି ସର୍ଭେ କରିଯାଇଥିବା ପାତ୍ର କହିଛନ୍ତି।

## ଓର୍କେଲ ଥାନାର ନୂତନ କୋଠା ଉଦ୍‌ଘାଟିତ

ବାଲିମେଳା,୨୭।୭ (ଶିବଦତ୍ତ ସାହୁ)



ଡିଆଇଜି ଥାନା ଉଦ୍‌ଘାଟନ କରୁଛନ୍ତି।

ମାଲକାନଗିରି ଜିଲା ବାଲିମେଳା ସହରରେ ଓର୍କେଲ ଥାନାର ନୂତନ ଥାନା କୋଠା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ମାଲକାନଗିରି ଜିଲା ଏସ୍‌ପି ନୀତୀଶ ଆଧୱାନୀ ଉପସ୍ଥିତ ଥିଲେ। ଡିଆଇଜି ମିନା କହିଥିଲେ, ନୂତନ ଥାନା ହେବା ଦ୍ୱାରା ଅଞ୍ଚଳବାସୀ ସେବା ପାଇପାରିବେ। ପୋଲିସ ଓ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବା ସହ ଆପରାଧିକ କାର୍ଯ୍ୟ କମିବ। ଏଥିସହିତ ଥାନା ପରିସରରେ ଶିଶୁ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଡେସ୍କ ରହିଥିବାର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ଏସ୍‌ଡିପି ଓ ଆଲେକ୍ସିୟସ୍ କିସ୍‌କୋଟା, ବାଲିମେଳା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ଉପାଧ୍ୟକ୍ଷା ରଶ୍ମିତା ବାଙ୍କା ସମସ୍ତ କାଉନ୍‌ସିଲର ଓ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଧୀରେନ୍ ପଟ୍ଟନାୟକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଆମ୍ବୁଲାନ୍ସ ଆସି ନ ପାରିବାରୁ ଭାରରେ ବୁହାହେଲେ ପ୍ରସୂତି

ମାଲକାନଗିରି,୨୭।୭ (ନୃସିଂହ ଚରଣ ମହାନ୍ତି)



ପ୍ରସୂତିଙ୍କୁ ଭାରରେ ବୋହି ନେଉଛନ୍ତି ପରିବାର ଲୋକେ।

### ଲଗାଣ ବର୍ଷା

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁବାପୁଟ ଗ୍ରାମରେ ଗୁରୁବାର ସକାଳେ ଜଣେ ମହିଳା ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ସେହି ଗ୍ରାମର ମାଧବ ଖରାଙ୍କ ସ୍ତ୍ରୀ ଲିଲିମା ଖରାଙ୍କର ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ଆସିଥିଲେ ବି ଲଗାଣ ବର୍ଷା ଯୋଗୁ ରାସ୍ତା ବହୁ ଜାଗାରେ ଧୋଇହୋଇ ଯାଇଥିବାରୁ ସେ ଗ୍ରାମର ୨ କି.ମି.ଦୂର ଡଙ୍ଗାକୁଣ୍ଡଠାରେ ରହିଯାଇଥିଲା। ଫଳରେ ତାଙ୍କ ସ୍ୱାମୀ ସଙ୍ଗେ ସଙ୍ଗେ ପରିବାର ଲୋକଙ୍କ ସହ ମିଶି ଭାର କରି ସ୍ତ୍ରୀଙ୍କୁ ଆମ୍ବୁଲାନ୍ସ ଥିବା ଡଙ୍ଗାଗୁଡା ପର୍ଯ୍ୟନ୍ତ ନେଇଥିଲେ। ପରେ ଆମ୍ବୁଲାନ୍ସରେ କୁଡୁମୁଲୁଗୁମା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଡାକ୍ତର ସନ୍ତୋଷ କୁମାର ଷଡ଼ଙ୍ଗୀ ଓ ଷ୍ଟାଫ ନର୍ସ ପାର୍ବତୀ ସୋରେନ ମହିଳାଙ୍କ ଚିକିତ୍ସା କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ମା' ପୁଅ ସୁସ୍ଥ ଥିବା ମେଡିକାଲ ଅଫିସର ଷଡ଼ଙ୍ଗୀ କହିଛନ୍ତି।

## ପଣସ ଚାରା କଲମୀ ତାଲିମ କାର୍ଯ୍ୟକ୍ରମ

ଟିକିରି, ୨୭।୭ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍ ସେଟାର ମାଳିଝରନଠାରେ ଅଗ୍ରଗାମୀ ଏବଂ ସେଟାର ମିଳିତ ସହଯୋଗରେ ପଣସ ଚାରା କଲମୀ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ପ୍ରଫେସର ପ୍ରଭୁଚରଣ ଲେଙ୍କା ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅଗ୍ରଗାମୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତ ଦାସ ଯୋଗଦେଇଥିଲେ। ପଣସ ଚାରା କଲମୀ ତାଲିମ କାର୍ଯ୍ୟକ୍ରମରେ ୩ ରାଜ୍ୟ ଓଡ଼ିଶା, କର୍ନାଟକ ଏବଂ ଝାଡ଼ଖଣ୍ଡରୁ ୩୦ ଜଣ ଟ୍ରେନିଂ ନେଇଥିଲେ। ପ୍ରଥମେ ପ୍ରଭୁଚରଣ ପଣସ ଗଛ ଲଗାଇବା ଏବଂ ତାର ବଜାର ଚାହିଦା ଉପରେ ବୁଝାଇଥିଲେ। ପଣସରୁ କିପରି ବିଭିନ୍ନ ପ୍ରକାର ସୁସାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ବଜାରରେ ବିକ୍ରିକରି ରୋଜଗାର କରିବା ଉପରେ କହିଥିଲେ। ଅଗ୍ରଗାମୀ ନିର୍ଦ୍ଦେଶକ ଦାସ ଓଡ଼ିଶା ସରକାରଙ୍କ ପଣସ ମିଶନ ଲାଗୁ କରିବାରେ ଅଗ୍ରଗାମୀର ମୁଖ୍ୟ ଭୂମିକା ଉପରେ ଆଲୋଚନା କରିଥଲେ। ଏହାବ୍ୟତୀତ ଆମ୍ବ, ଲେମ୍ବୁ, କମଳା, ପିଜୁଳି ଓ ଲିଚୁ ଇତ୍ୟାଦି ଗଛ ଉପରେ ମଧ୍ୟ ତାଲିମ ଦିଆଯାଇଥିଲା ।

## ୨୫୦ ପରିବାରକୁ ମିଳିବ ଘରବାରି ପଟ୍ଟା

ଚିତ୍ରକୋଣ୍ଡା,୨୭।୭(କ୍ଷୀରୋଦ ବେହେରା)

ଦୀର୍ଘ ବର୍ଷ ହେଲା ଚିତ୍ରକୋଣ୍ଡାବାସୀଙ୍କ ଘରବାରି ପଟ୍ଟା ନ ଥିବାରୁ ଇନ୍ଦିରା ଆବାସ ଘର ପାଇବାରୁ ବଞ୍ଚିତ ହୋଇ ଆସୁଥିଲେ। ଚଳିତ ବର୍ଷ ବ୍ଲକ ପ୍ରଶାସନ ଉଦ୍ୟମରେ ମାଲକାନଗିରି ଜିଲା ପ୍ରଶାସନ ନିର୍ଦ୍ଦେଶରେ ୨୫୦ ପରିବାରକୁ ଇନ୍ଦିରା ଆବାସ ଗୃହ ନିର୍ମାଣ ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ ଚୟନ କରାଯାଇଥିଲା। ମାତ୍ର ଘରବାରି ଜାଗା ଅଭାବରୁ ଘର ନିର୍ମଣ ହୋଇପାରିଲା ନାହିଁ । ଇତି ସମୟରେ ବିଡ଼ିଓ ରଘୁନାଥ ମୁଣ୍ଡାରୀ ଉକ୍ତ ଜାଗା ସମସ୍ୟା ଅନୁଧ୍ୟାନ କରି ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ସହ ଆଲୋଚନା କରି ଜିଲା ପ୍ରଶାସନକୁ ଜଣାଇଥିଲେ। ପରେ ଗୋଟିଏ ସ୍ଥାନରେ ୨୫୦ ଇନ୍ଦିରା ଆବାସ ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରି ତହସିଲଦାର ବିଡ଼ିଓଙ୍କୁ ଜଣାଇଥିଲେ। ଏହି ୨୫୦ ହିତାଧିକାରୀଙ୍କୁ ଚିହ୍ନଟ ଜାଗାର ଘରବାରି ପଟ୍ଟା ପ୍ରଦାନ କରାଯିବ ବୋଲି ଚିତ୍ରକୋଣ୍ଡା ତହସିଲଦାର ଦୋରା କହିଛନ୍ତି। ଏ ଦିଗରେ ପିଇଓ, ଆରଆଇ, ଆବାସ ଯୋଜନା ସଂଯୋଜକ ଏବଂ ପଞ୍ଚାୟତ ପ୍ରତିନିଧି ମିଳିତ ଭାବେ ଚେଷ୍ଟା କରି ଖୁବ୍ ଶୀଘ୍ର ହିତାଧିକାରୀଙ୍କୁ ଘରବାରି ପଟ୍ଟା ଦେବାକୁ ହିତାଧିକାରୀମାନେ ନିବେଦନ କରିଛନ୍ତି।

## ସାମାଜିକ ସମୀକ୍ଷା, ଜନଶୁଣାଣି ଶିବିର



ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

କୁନ୍ଦୁରା,୨୭।୭ (ସନ୍ତୋଷ ପ୍ରହରାଜ)– କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଭାଗୃହରେ ସାମାଜିକ ସମୀକ୍ଷାର ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ତମ ଅର୍ଥ କମିଶନ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ବିଭିନ୍ନ ପଞ୍ଚାୟତରେ ହୋଇଥିବା କାର୍ଯ୍ୟର ସାମାଜିକ ସମୀକ୍ଷା କରାଯାଇଥିଲା। ରହିଥିବା ସମସ୍ୟାଗୁଡିକର କିପରି ସମାଧାନ କରାଯାଇପାରିବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ପିଏଆଇଟିଡିଏ ଗୋପୀନାଥ ସାରକା ସଭାପତିତ୍ୱ କରିଥିଲେ। ବିଡିଓ ବିଚିତ୍ରାନନ୍ଦ ନାୟକ, ଲୋକପାଳ ନଳିନୀ ଟାକ୍ରି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନିଲ ମହାରଣା,ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ରଜନୀକାନ୍ତ ବେହେରା,ବିଏସ୍‌ଏ ଗୁରୁକୃଷ୍ଣ ନାୟକ ଏବଂ ସମସ୍ତ ପିଆର୍‌ଆଇ ସଭ୍ୟ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ପିଇଓ, ଗ୍ରାମ ରୋଜଗାର ସେବକ, ଭିଆର୍‌ପି ଓ ଜନସାଧାରଣ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

### ଅଗଷ୍ଟ ୭ରେ ଭାରତ ବନ୍ଦ ଡାକରା

ମାଲକାନଗିରି, ୨୭।୭(ଦୁର୍ଯ୍ୟୋଧନ ପାତ୍ର)

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଆଦିବାସୀଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର ଏବଂ ସେମାନଙ୍କ ବିରୋଧରେ ସଂସଦରେ ପ୍ରଣୟନ କରାଯାଉଥିବା ଆଇନ ପ୍ରତିବାଦରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ୟୁନିଫର୍ମ ସିଭିଲ କୋଡ୍, ସମାନ ନାଗରିକ ସଂହିତା ଆଇନ ପ୍ରଣୟନ କରି ଆଦିବାସୀଙ୍କୁ ମିଳୁଥିବା ପୃଥକ୍ ପରିଚୟକୁ ସମାପ୍ତ କରି ସେମାନଙ୍କୁ ହିନ୍ଦୁ କରିବା ପାଇଁ ଏକ ଷଡ଼ଯନ୍ତ୍ର ଚାଲିଛି ବୋଲି ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ପରିଷଦ ପକ୍ଷରୁ ଅଗଷ୍ଟ ୭ରେ ଭାରତ ବନ୍ଦ ଡାକରା ଦିଆଯାଇଥିବା ସୂଚନା ଦିଆଯାଇଛି। ବିକାଶ ନାମରେ ପରିବେଶ, ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା ନାମରେ ଆଦିବାସୀଙ୍କୁ ଜଳ, ଜଙ୍ଗଲ ଜମିରୁ ବିସ୍ଥାପନ କରି ଜୀବିକା ଛଡାଇ ନେବା ପାଇଁ ଷଡ଼ଯନ୍ତ୍ର ଚାଲିଛି ବୋଲି ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ମଣିପୁରରେ ଆଦିବାସୀଙ୍କ ପ୍ରତି ଅତ୍ୟାଚାର ହେବା ଯୋଗୁ ଆଦିବାସୀମାନେ ରାଜ୍ୟ ଛାଡି ପଳାଇ ଯାଇଛନ୍ତି। ପରିଷଦ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଅଗଷ୍ଟ ୭ ଭାରତ ବନ୍ଦ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଏକତା ମଞ୍ଚ କର୍ମକର୍ତ୍ତମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ଉଦ୍ୟୋଗୀଙ୍କ ପାଇଁ ସଚେତନତା କର୍ମଶାଳା

ରାୟଗଡ଼ା,୨୭।୭ ( ଭାଗ୍ୟଶ୍ରୀ ମିଶ୍ର)




କର୍ମଶାଳାରେ ମଞ୍ଚାସୀନ ଅତିଥି।

ଆଶାୟୀ ଉଦ୍ୟୋଗୀଙ୍କ ସଚେତନତା ଲାଗି ବୁଧବାର ସ୍ଥାନୀୟ ଡିଆଇସି କାର୍ଯ୍ୟାଳୟଠାରେ ୧୨ ଦିନିଆ କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ବିକାଶ ଚନ୍ଦ୍ର ବେନ, ଡିଆଇସି ବିଜୟ କୁମାର ସାହୁ, ଜିଲା ଶିଳ୍ପକେନ୍ଦ୍ରର ସହାୟକ ମ୍ୟାନେଜର ସବ୍ୟସାଚୀ ସାହୁ, ଡିଆଇସି ଆଇପିଓ ଦେବାଶିଷ ମହାନ୍ତି, କାଶୀପୁର ଆଇପିଓ ଚିତ୍ତରଞ୍ଜନ ମଲିକ, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୋଟ ୩୦ ଜଣ ଆଶାୟୀ ଉଦ୍ୟୋଗୀ ଉପସ୍ଥିତ ରହି ତାଲିମ ନେଇଥିଲେ। ଆଗାମୀ ୮ ତାରିଖରେ ଏହା ଶେଷ ହେବ ବୋଲି ଜଣାପଡିଛି । ବିନର୍ସ ଇନ୍‌ସଟି ଚିଉଟ ଅପ୍ ଭୋକେଶନାଲ ଟ୍ରେନିଂ ଏବଂ ଜିଲା ଶିଳ୍ପକେନ୍ଦ୍ରର ମିଳିତ ଉଦ୍ୟମରେ କର୍ମଶାଳା ଚାଲିଛି । ପ୍ରତି ବର୍ଷ ହଜାର ହଜାର ପିଲା ଶିକ୍ଷା ନେଇ ବାହାରୁଛନ୍ତି ସମସ୍ତେ ଚାକିରି କରିପାରିବେ ନାହିଁ, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ବେକାରି ସମସ୍ୟା ଦୂରକରିବା ସହ ଉଦ୍ୟୋଗୀ ସୃଷ୍ଟି କରି ଶିଳ୍ପ ପ୍ରତିଷ୍ଠା କରିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଛନ୍ତି। ଉଦ୍ୟୋଗୀମାନେ କିପରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ରୋଜଗାର ଦେଇପାରିବେ ଏବଂ ଏଥିପାଇଁ ଆବଶ୍ୟକ ଇଚ୍ଛାଶକ୍ତି, ପୁଞ୍ଜି, ଆବଶ୍ୟକ ସାମଗ୍ରୀ ବିଷୟରେ ଅତିଥିମାନେ ବୁଝାଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସୁଛି ପଲସ୍ତରା, ଦୁର୍ଘଟଣା ଆଶଙ୍କା

ଟିକିରି, ୨୭।୭ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରିସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି । ଛାତରୁ ପାଣି ଝରିବା ସହ ପଲସ୍ତରା ଖସୁଥିବାରୁ ବଡ଼ ଦୁର୍ଘଟଣାର ଆଶଙ୍କା ଦେଖାଦେଇଛି। ରୋଗୀ ରହୁଥିବା କୋଠରି, ବୈଠକଖାନା ଛାତରୁ ବାରମ୍ବାର ପଲସ୍ତରା ଖସୁଥିବାରୁ ପୀଡ଼ିତଙ୍କୁ ବାରଣ୍ଡାରେ ଚିକିତ୍ସା କରାଯାଉଛି। ବର୍ତ୍ତମାନ ପ୍ରତିକୂଳ ପାଗ ଯୋଗୁ ଉକ୍ତ ପିଏଚ୍‌ସିରେ ଜ୍ୱର, ଝାଡ଼ା ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ କାର୍ଯ୍ୟରତ କର୍ମଚାରୀଙ୍କ ସହିତ ରୋଗୀ ଓ ତାଙ୍କ ସମ୍ପର୍କୀୟ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଅନ୍ୟପକ୍ଷରେ ଏଠାରୁ ପ୍ରାୟ ୧ କି.ମି. ଦୂରରେ ପିଲ ତୋଟାଠାରେ ନିର୍ମିତ ପିଏଚ୍‌ସିର ନୂତନ କୋଠା ହସ୍ତାନ୍ତରରେ ବିଳମ୍ବ ହେତୁ ଏହାକୁ କାର୍ଯ୍ୟକ୍ଷମ କରାଯାଇ ପାରୁ ନ ଥିବାର ଜଣାଯାଇଛି । କୋଠା ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ସୁଦ୍ଧା ବିଦ୍ୟୁତ୍‌କରଣ କାର୍ଯ୍ୟ ବାକି ଥିବା ଜଣାଯାଇଛି ।

## ବ୍ଲକସ୍ତରୀୟ ସମନ୍ୱିତ କୃଷି ତାଲିମ

ଖଇରପୁଟ,୨୭।୭(ଜଗନ୍ନାଥ ମଝୀ)

ମାଲକାନଗିରି ସିୱାଇଏସ୍‌ଡି ଓ ମିଶନ ଶକ୍ତି ଖଇରପୁଟର ମିଳିତ ପ୍ରୟାସରେ ଖଇରପୁଟ ଓଡ଼ିଶା ଜୀବିକା ମିଶନ ସଭାଗୃହରେ ଦୁଇଦିନିଆ ବ୍ଲକସ୍ତରୀୟ ସମନ୍ୱିତ କୃଷି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋବିନ୍ଦପାଲ୍ଲୀ, ରାସବେଡା ଓ ପୋଡାଘାଟ ପଞ୍ଚାୟତ ପ୍ରାଣୀମିତ୍ର, କୃଷିମିତ୍ର, ଗ୍ରାମ ସମ୍ବଳ ବ୍ୟକ୍ତି, ଅଗ୍ରଣୀ କୃଷକ ଓ ଏମ୍‌ବିକେମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସିୱାଇଏସ୍‌ଡି ଦକ୍ଷିଣାଞ୍ଚଳ ମୁଖ୍ୟ ରମେଶ ଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ସଂଯୋଜକ ଦେବଜିତ ବେଉରା ଓ ମିଶନ ଶକ୍ତି ତରଫରୁ ଚିନ୍ମୟ କୁମାର ସିଂ ପରିଚାଳନା କରିଥିଲେ। ଚିନ୍ମୟ କୃଷି ପ୍ରଣୟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉକ୍ତ ତାଲିମରେ କୃଷି ବିଭାଗ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗର ସମସ୍ତ ଅଧିକାରୀ ଯୋଗଦେଇ ସମନ୍ୱିତ କୃଷି କିପରି ବ୍ୟକ୍ତିଗତସ୍ତରରେ ଆର୍ଥିକ ପ୍ରଗତି ଆଣିବ ସେ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସାଧନ ବ୍ୟକ୍ତି ଭାବେ ପର୍ଶୁରାମ ପ୍ରଧାନ, କୃଷି ଓ କୃଷକ ଉନ୍ନତିରେ ଜୈବିକ ସାର ପ୍ରସ୍ତୁତି ଏବଂ ପ୍ରୟୋଗ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶୀତଳ ସୁବୁଦ୍ଧି, ଲିଙ୍ଗରାଜ ପାଣିଗ୍ରାହୀ ଓ ଚନ୍ଦ୍ରସେନ ପାଙ୍ଗୀ ସହଯୋଗ କରିଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀ।

## କୁଇଗୁରୁ ରାସ୍ତାରେ ୪ ଫୁଟର ବର୍ଷାଜଳ

ମାଲକାନଗିରି,୨୭।୭(ଦୁର୍ଯ୍ୟୋଧନ ପାତ୍ର)



ବର୍ଷାପାଣିରେ ବୁଡ଼ି ରହିଥିବା ରାସ୍ତା

ଗତ ଦୁଇଦିନ ଧରି ମାଲକାନଗିରି ଜିଲାରେ ଲଗାଣ ବର୍ଷା ହେବା ଫଳରେ ଜିଲାର କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା, ଏମ୍.ଭି. ୯୦, ଏମ୍.ଭି. ୯୬, ପୋଟେରୁ ଓ ପଡିଆ ବ୍ଲକର କନ୍ୟାଶ୍ରମ ନିକଟ ନଦୀ ପୋଲ ଉପରେ ୩ ଫୁଟ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେଉଛି। ତେବେ ଏହି ପ୍ରବଳ ବର୍ଷାରେ ଗୁରୁବାର ମୋଟୁ ସୀମାନ୍ତରେ ଥିବା କୁଇଗୁରୁ ପୋଲ ଉପରେ ମଧ୍ୟ ୪ ଫୁଟ ଉଚ୍ଚ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ମୋଟୁ ସୀମାନ୍ତ ରାଞ୍ଚି–ବିଜୟୱାଡାକୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ନଦୀର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଛି। ତେବେ ଆଗକୁ ଯଦି ବର୍ଷା ଏପରି ଲାଗି ରୁହେ, ତେବେ ମୋଟୁରେ ବନ୍ୟା ହେବାର ଆଶଙ୍କା କରାଯାଇଛି। ମାଲକାନଗିରିରୁ ଆନ୍ଧ୍ର ଓ ଛତିଶଗଡ ୩୨୬ ନମ୍ବର ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି।

**ସଂକ୍ଷେପରେ**

## ମନ୍ଦିର ପରିସରରେ ନଳକୂପ ଖନନ

ନନ୍ଦପୁର, ୨୭।୭(ଶଙ୍କର ପୂଜାରୀ)- ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ଗ୍ରାମଦେବୀ ଠାକୁରାଣୀଙ୍କ ମନ୍ଦିର ପରିସରରେ ଗୁରୁବାର ବିଧାୟକ ପାଣ୍ଠିରୁ ନଳକୂପ ଖନନ କରାଯାଇଛି। ପଟାଙ୍ଗି ବିଧାୟକ ପିତମ ପାଢ଼ୀ ଏପାଇଁ ତାଙ୍କ ବିଧାୟକ ପାଣ୍ଠିରୁ ଆବଶ୍ୟକ ଅର୍ଥ ଯୋଗାଇ ଦେଇଛନ୍ତି। ନନ୍ଦପୁର ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀ ଉପସ୍ଥିତ ରହି ମନ୍ଦିର ପରିସରରେ ନଳକୂପ ଖନନ ନିମନ୍ତେ ସ୍ଥାନ ନିରୂପଣ କରିଥିଲେ। ନନ୍ଦପୁର ବ୍ଲକର ୨୩ ପଞ୍ଚାୟତ ସମେତ ଲମତାପୁଟ ଓ ସେମିଳିଗୁଡା ବ୍ଲକବାସୀଙ୍କ ପାଇଁ ନନ୍ଦପୁର ଗ୍ରାମଦେବୀ ଠାକୁରାଣୀ ହେଉଛନ୍ତି ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଏଠାକୁ ପ୍ରତ୍ୟେହ ଶତାଧିକ ଭକ୍ତଙ୍କ ଭିଡ ହୋଇଥାଏ। ମନ୍ଦିର ପରିସରରେ ଏକ ନଳକୂପ ଖନନ ଲାଗି ଅଞ୍ଚଳବାସୀଙ୍କ ପକ୍ଷରୁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ଏ ଦିଗରେ ବିଧାୟକ ପଦକ୍ଷେପ ନେଇ ନଳକୂପ ଖନନ ନେଇ ନିଜ ପାଣ୍ଠିରୁ ଅର୍ଥ ପ୍ରଦାନ କରିଥିବାରୁ ମନ୍ଦିର ପରିଚାଳନା କମିଟି ସଦସ୍ୟ ଲିଙ୍ଗରାଜ ଚୌଧୁରୀ, ଏନ. ବାବୁଲା ଦାସ, ସଞ୍ଜୟ ଦ୍ୱାରି, ସୁନିଲ ପଣ୍ଡା, ପୂଜକ ପୂର୍ଣ୍ଣ ଡିଆରି, ସାନ ଦିଆରୀ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କେଡିଏଫଏ କପ୍ ଫୁଟବଲ ଟୁର୍ନାମେଣ୍ଟ

### କୋଟପାଡ, ଲାଣ୍ଡିଗୁଡା ଟିମ୍ ବିଜୟୀ

କୋରାପୁଟ,୨୭।୭(ଅମିତାଭ ବେହେରା)- କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଓଏସ୍‌ଏପି ତୃତୀୟ ବାଟାଲିୟନ ପଡିଆରେ ଚାଲିଥିବା ଜିଲାସ୍ତରୀୟ କେଡିଏଫ୍‌ଏ କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଆୟୋଜିତ ଦୁଇଟି ମ୍ୟାଚରେ କୋଟପାଡ ଓ ଲାଣ୍ଡିଗୁଡା ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ କୋଟପାଡ ଏବଂ ସିୱାଇଏ ଇନ୍ଦିରା କ୍ଲବ ମଧ୍ୟରେ ହୋଇଥିଲା। କୋଟପାଡ ବିପକ୍ଷ ଇନ୍ଦିରା କ୍ଲବ ଟିମ୍‌କୁ ୨ଟି ଗୋଲ ଦେଇ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଲାଣ୍ଡିଗୁଡା ଓ ମସ୍ତିପୁଟ ପରସ୍ପରକୁ ଭେଟିଥିଲେ। ଏଥିରେ ଲାଣ୍ଡିଗୁଡା ଟିମ୍ ୫-୦ ଗୋଲ ବ୍ୟବଧାନରେ ବିପକ୍ଷ ମସ୍ତିପୁଟ କୁ ପରାସ୍ତ କରି ବିଜୟୀ ହୋଇଥିଲା। ଆୟୋଜକ କମିଟିର ଜେ. କ୍ରିଷ୍ଣା ରାଓ ଓ ହେମା ରାଓ ମ୍ୟାଚ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ସଂଯୋଗ ନାହିଁ, ଅନ୍ଧାରରେ ପାଡୁଆ ପୂର୍ତ୍ତ ବିଭାଗ ଡାକବଙ୍ଗଳା



ନନ୍ଦପୁର, ୨୭।୭(ଶଙ୍କର ପୂଜାରୀ)- ବିଦ୍ୟୁତ୍ ସଂଯୋଗ ନ ଥାଇ ଅନ୍ଧାରରେ ରହିଛି ନନ୍ଦପୁର ବ୍ଲକ ସୀମାନ୍ତ ପାଡୁଆ ପୂର୍ତ୍ତ ବିଭାଗ ଡାକବଙ୍ଗଳା। ପାହାଡ଼ ଉପରେ ଏହି ଡାକବଙ୍ଗଳା ଥିବାରୁ ସନ୍ଧ୍ୟା ହେଲେ ସରୀସୃପ, ବନ୍ୟଜନ୍ତୁଙ୍କ ଭୟ ରହୁଛି। ପୂର୍ତ୍ତ ବିଭାଗ ନିର୍ମାଣ ହେବା ସମୟରୁ ଏଠାକୁ ନିୟମ ଅନୁସାରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଡାକବଙ୍ଗଳାର ବିଦ୍ୟୁତ୍ ସଂଯୋଗ କଟାଯାଇଥିବା ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି। ବିଦ୍ୟୁତ୍ ନ ଥିବାରୁ ଡାକବଙ୍ଗଳାରେ ପାନୀୟ ଜଳଯୋଗାଣ ନାହିଁ। ଫଳରେ ବ୍ରିଟିଶ ଅମଳର ଏହି ଡାକବଙ୍ଗଳା ଏବେ ଅଲୋଡ଼ା ହୋଇପଡ଼ିଛି। ସୂଚନାଯୋଗ୍ୟ, ନନ୍ଦପୁର ବ୍ଲକ ଅଞ୍ଚଳକୁ ପରିଦର୍ଶନରେ ଆସୁଥିବା ସରକାରୀ ଅଧିକାରୀ, ରାଜନୈତିକ ବ୍ୟକ୍ତିବିଶେଷ ଓ ଅତିଥିମାନେ ଏଠାରେ କିଛି ସମୟ ରହିବା ପାଇଁ କୋରାପୁଟ ଜିଲାର ପ୍ରତି ୨୨କି.ମି.ଦୂରରେ ଗୋଟିଏ ଲେଖାଏ ଡାକବଙ୍ଗଳା ବ୍ରିଟିଶ ଅମଳରୁ ନିର୍ମାଣ ହୋଇଥିଲା। ମାତ୍ର ପରିଚାଳନା ଦାୟିତ୍ୱରେ ଥିବା କୋରାପୁଟ ଜିଲା ପୂର୍ତ୍ତ ବିଭାଗ ଏହାକୁ ଠିକ୍ ରୂପେ ରକ୍ଷଣାବେକ୍ଷଣା କରୁ ନ ଥିବାରୁ ବିଦ୍ୟୁତ୍ ସଂଯୋଗ ଭଳି ନ୍ୟୂନତମ ସୁବିଧା ଡାକବଙ୍ଗଳାରେ ଉପଲବ୍ଧ ହୋଇପାରୁନାହିଁ। ଫଳରେ ଏଠାକୁ ନ ଥିବାରୁ ଆସୁଥିବା ପର୍ଯ୍ୟଟକ, ସରକାରୀ ଉଚ୍ଚପଦସ୍ଥ ଅଧିକାରୀ, ରାଜନେତାମାନେ ଡାକବଙ୍ଗଳାଠାରୁ ମୁହଁ ଫେରାଇ ନେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଡାକବଙ୍ଗଳା ପ୍ରତି ଦୃଷ୍ଟି ଦେଇ ଶୀଘ୍ର ବିଦ୍ୟୁତ୍ ସଂଯୋଗ ସହ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ଆନ୍ଧ୍ର-ଓଡ଼ିଶା ସୀମା ବିବାଦ ବୈଠକ ବିଫଳ

■ ଆଲୋଚନାକୁ ଖାଲି ହାତରେ ଆସିଥିଲେ ଆନ୍ଧ୍ର ଅଧିକାରୀ
■ ପୁଣି ଏକ ବୈଠକ ଡାକିବାକୁ ମାଗିଲେ ସମୟ
■ ଆଗକୁ କୌଣସି ପ୍ରକାର ଅନୁପ୍ରବେଶ ବରଦାସ୍ତ କରାଯିବନି

ନନ୍ଦପୁର/କୋରାପୁଟ ୨୭।୭ (ଶଙ୍କର ପୂଜାରୀ/ଅମିତାଭ ବେହେରା)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ରାଇପାହାଡ଼ ଗ୍ରାମର ସୀମା ବିବାଦ ସମାଧାନ ନେଇ ଗୁରୁବାର ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଚାଟୁଆଠାରେ ବସିଥିବା ବୈଠକ ପୁଣି ବିଫଳ ହୋଇଛି। ୧୨।୭।୨୩ରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ବୈଠକକୁ କୌଣସି କାଗଜପତ୍ର ଧରି ଆସି ନ ଥିବା ଆନ୍ଧ୍ର ଅଧିକାରୀମାନେ ଏଥର ମଧ୍ୟ ପ୍ରମାଣପତ୍ରଭିତ୍ତିକ କାଗଜପତ୍ର ନ ଆଣି ଆସିଥିଲେ। ଫଳରେ ୨ ରାଜ୍ୟ ମଧ୍ୟରେ ବସିଥିବା ଏହି ବୈଠକରେ ବିଶେଷ ଆଲୋଚନା ହୋଇପାରିନାହିଁ। ଆନ୍ଧ୍ର ଅଧିକାରୀମାନେ ଏପରି ଖାଲି ହାତରେ ବାରମ୍ବାର ବୈଠକକୁ ଆସିବା ବିବାଦ ସମାଧାନ କରିବା ଆନ୍ଧ୍ରର ଉଦ୍ଦେଶ୍ୟ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି।

ଖବରରୁ ଜଣାପଡ଼ିଛି, ନନ୍ଦପୁର ବ୍ଲକ ସୀମାନ୍ତ ଗୋଲୁର ପଞ୍ଚାୟତର ରାଇପାହାଡ ଗ୍ରାମରେ ଆନ୍ଧ୍ର ପ୍ରଶାସନର ଅନୁପ୍ରବେଶ, ଦେଢ଼ କି.ମି. ନିଜ ସୀମା ଡେଇଁ ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ ଆନ୍ଧ୍ର ରାଜ୍ୟ ସରକାରଙ୍କ ଯୋଜନାରେ ରାଇପାହାଡ ଗ୍ରାମବାସୀଙ୍କୁ ଅନାଧିକାର ଭାବେ ସାମିଲ କରିବା ସମ୍ପର୍କରେ ଗୁରୁବାର ବୈଠକରେ ଆଲୋଚନା କରାଯିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥିର କରିଥିଲା। ସେହି ଅନୁସାରେ ତହସିଲଦାର ନରସିଂହ ଗାଦବା ଆନ୍ଧ୍ରର ଡୁମୁରିଗୁଡା ତହସିଲଦାରଙ୍କୁ ପତ୍ର ଲେଖି ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାକୁ ଆବଶ୍ୟକ ଦସ୍ତାବିଜ ସହ ଡୁମୁରିଗୁଡା ତହସିଲ, ଜଙ୍ଗଲ ବିଭାଗ, ଡୁମୁରିଗୁଡା ବିଡିଓ ଓ କୋନଡୁମ ପଞ୍ଚାୟତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିବାକୁ ଅବଗତ କରାଯାଇଥିଲା। ସୀମାନ୍ତ ଚାଟୁଆ ଫରେଷ୍ଟ ରେଷ୍ଟ ହାଉସଠାରେ ଆଲୋଚନା ବୈଠକକୁ ଓଡ଼ିଶା ପକ୍ଷରୁ କୋରାପୁଟ ଉପଜିଲାପାଳ ବେଣୁଧର ଶବର, ତହସିଲଦାର ନନ୍ଦପୁର ନରସିଂହ ଗାଦବା, ନନ୍ଦପୁର ଏସ୍‌ଡିପି ସଞ୍ଜୟ ମହାପାତ୍ର ଓ ପାଡୁଆ ପୋଲିସ ଓ ରାଜସ୍ୱ ଟିମ୍, ବିଡିଓ ସୁଜିତ ମିଶ୍ର, ବାଲଡ଼ା ବନାଞ୍ଚଳ ଅଧିକାରୀ ବାଦଲ ମହାନ୍ତି ଓ ଜଙ୍ଗଲ ବିଭାଗ କର୍ମଚାରୀ, ପଟାଙ୍ଗି ବିଧାୟକ ପ୍ରତିନିଧି ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, କାମେସ କାମୁଡ଼ି, ଗୋଲୁର ସରପଞ୍ଚ ସାବିତ୍ରୀ ବୁରୁଡି, ଚାଟୁଆ ସମିତିସଭ୍ୟ କୃଷ୍ଣ ପାଙ୍ଗି ପ୍ରମୁଖ ଚାଟୁଆଠାରେ ଓଡ଼ିଶା ସୀମାନ୍ତ ଜଙ୍ଗଲ ଓ ରାଜସ୍ୱ ବିଭାଗ ମ୍ୟାପଧରି ଉପସ୍ଥିତି ଥିଲେ।

ଆନ୍ଧ୍ର ପକ୍ଷରୁ ଡୁମୁରିଗୁଡା ତହସିଲଦାର ସିଏଚ୍ ନାଗାମା, ଅତିରିକ୍ତ ତହସିଲଦାର ଏସ୍‌କେ ମୁଜିବ, ଡୁମୁରିଗୁଡା ଫରେଷ୍ଟ ସେକ୍ସନ ଅଫିସର ବି.ପଥାଲୁରାଜୁ ପଡ଼ାଲ, ଏଫ୍‌ବିଓ ପି. ଉଦୟ, ଡୁମୁରିଗୁଡା ଏସ୍‌ଏଚ୍‌ଓ କେ. ସନ୍ତୋଷ ଓ କେତେଜଣ ରାଜସ୍ୱ କର୍ମଚାରୀ ଆସିଥିଲେ। ମାତ୍ର ଆନ୍ଧ୍ର ପକ୍ଷରୁ ଏହି ଅଧିକାରୀମାନେ ରାଇପାହାଡ ସୀମା ସମ୍ପର୍କିତ କୌଣସି ଜଙ୍ଗଲ କିମ୍ବା ରାଜସ୍ୱ ମ୍ୟାପ ଆଣି ନ ଥିଲେ। ଆଲୁରି ସିଥାରମଣ ଜିଲାପାଳଙ୍କ ସମେତ ଅନ୍ୟ ଉପରିସ୍ଥ ଅଧିକାରୀଙ୍କୁ ମାନଚିତ୍ର ଦେବାକୁ ଅନୁରୋଧ କରିଛୁ। ମାନଚିତ୍ର ଦେଲେ ଆପଣଙ୍କୁ ଆଣି ଦେଖାଇବୁ କହି ସାଥିରେ ଆଣିଥିବା ରାଇପାହାଡ ଗ୍ରାମରେ ଓଡ଼ିଶା ଗ୍ରାମବାସୀଙ୍କୁ ଆନ୍ଧ୍ର ପକ୍ଷରୁ ଯେଉଁସବୁ ଯୋଜନାରେ ସାମିଲ କରାଯାଇଛି ସେହି ତାଲିକା ଓଡ଼ିଶା ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ଅନ୍ୟ ଏକ ଦିନ ତୃତୀୟ ବୈଠକ କରିବାକୁ ଅନୁରୋଧ କରିଥିଲେ। ଫଳରେ ବୈଠକ ସ୍ଥଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଥମେ ଆନ୍ଧ୍ର ସୀମାନ୍ତ ଗ୍ରାମରେ କରୁଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରାଯାଉ ବୋଲି ଦାବି କରାଯାଇଥିଲା। କିନ୍ତୁ ତାହା ସେମାନଙ୍କ ସାମର୍ଥ ବାହାରେ ବୋଲି ଆନ୍ଧ୍ର ତହସିଲଦାର ନାଗାମା କହିଥିଲେ। ଫଳରେ ବୈଠକରେ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ଆଗକୁ କୌଣସି ଅନୁପ୍ରବେଶକୁ ବରଦାସ୍ତ କରାଯିବ ନାହିଁ। ଆବଶ୍ୟକ ପଡିଲେ ଅନୁପ୍ରବେଶ କରୁଥିବା ଆନ୍ଧ୍ର ଅଧିକାରୀଙ୍କୁ ଅଟକ ରଖାଯାଇ ପୋଲିସ ଜିମା ଦେବାକୁ ଓଡ଼ିଶା ପକ୍ଷରୁ କୁହାଯାଇଥିଲା।

ସୂଚନାଯୋଗ୍ୟ, ସୀମାନ୍ତ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମରେ ଆନ୍ଧ୍ର ୬ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲକରି ଗୃହ ନିର୍ମାଣ କରୁଥିବା ଖବର ପ୍ରକାଶ ପାଇବା ପରେ ନନ୍ଦପୁର ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତତ୍ପରତା ଦେଖାଇ ଥିଲା। ସେବେଠାରୁ ସୀମା ଚିହ୍ନଟ ନେଇ ପ୍ରଶାସନିକ କ୍ଷେତ୍ରରେ ଉଭୟ ରାଜ୍ୟର ଅଧିକାରୀମାନେ ଏକାଠି ହେଉଥିଲେ ମଧ୍ୟ ଆନ୍ଧ୍ର ଅଧିକାରୀମାନଙ୍କ ଅସହଯୋଗ ଯୋଗୁ କୌଣସି ସମାଧାନର ସୂତ୍ର ମିଳିପାରୁନାହିଁ।



ଓଡ଼ିଶା -ଆନ୍ଧ୍ରର ଅଧିକାରୀମାନେ ବୈଠକରେ ଆଲୋଚନା କରୁଛନ୍ତି ।

## ଶିବିରରୁ ସ୍ୱାସ୍ଥ୍ୟସେବା ସୁଯୋଗ ନେଲେ ୧୫୦

ସୁନାବେଡା, ୨୭।୭(କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ାସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୁନାବେଡ଼ାସ୍ଥିତ ଗଞ୍ଜାମ କଲୋନି ପାଠାଗାରଠାରେ ହୋଇଥିବା ଏହି ଶିବିରରେ ୧୫୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅଣ ସଂକ୍ରାମକ ରୋଗ ଯଥା ଉଚ୍ଚ ରକ୍ତଚାପ, ମଧୁମେହ ଓ ମୁଖ କର୍କଟ ଭଳି ବିଭିନ୍ନ ପ୍ରକାର ରୋଗୀଙ୍କୁ ଚିକିତ୍ସା ସହ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ଜ୍ୟୋତି ପ୍ରକାଶ ଗିରି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ଭୁବନେଶ୍ୱର ଦାସ, ବିକାଶ ଚନ୍ଦ୍ର ଖରା, ରାମେଶ୍ୱର ରଥ,ଏଏନ୍‌ଏମ୍ ଜ୍ୟୋତିର୍ମୟୀ ଦାସ, ଦୀପ୍ତିମୟୀ ସାମନ୍ତରାୟ,ମେରୀ ହାବା, ଏନ୍‌ସିଡି କାଉନସିଲର ରବୀନ୍ଦ୍ର ଚୌଧୁରୀ, ଡିଏଏ କାଜଲ କୁମାରୀ ଗୁପ୍ତା, ବର୍ଷାରାଣୀ ସାହୁ, ଆଶାକର୍ମୀ ପଦ୍ମିନୀ ହରିଜନ, ସରସ୍ୱତୀ ହରିଜନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ୫ନଂ. ୱାର୍ଡ କାଉନସିଲର ମନୋଜ ସୁନା ଏବଂ ୨ନଂ. ୱାର୍ଡ କାଉନସିଲର ରାମ ବେନିଆ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଡକାୟତି ଯୋଜନା ପଣ୍ଡ, ୬ ଲୁଟେରା ଗିରଫ

ସେମିଳିଗୁଡ଼ା/ସୁନାବେଡ଼ା, ୨୭।୭ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ା ଗଣେଶନଗର ଚର୍ଚ୍ଚ ପଛପଟେ ଡକାୟତି ଯୋଜନା ବେଳେ ୬ଜଣଙ୍କୁ ଗିରଫ କରିଛି ପୋଲିସ । ସେମାନେ ହେଲେ ଜୟପୁର ଥାନା ବାରିଣିପୁଟ ଗ୍ରାମର ସୁଦର୍ଶନ ବାଘଙ୍କ ପୁଅ ଅଜୟ, ମନୋଜ ଥାପ୍ପାଙ୍କ ପୁଅ ଷ୍ଟିଫେନ,ପ୍ରଫୁଲ୍ଲ କୁଲଦୀପଙ୍କ ପୁଅ ଇଫାନ, ମାଛକୁଣ୍ଡ ଥାନା ମନ୍ତ୍ରୀପୁଟ ଗ୍ରାମର ଘାଷି ଖରାଙ୍କ ପୁଅ କୁନାଲ, କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବକ୍ସିତୁଲସିପାଲି ଗ୍ରାମର ସ୍ୱର୍ଗତ ମନୁ ନାୟକଙ୍କ ପୁଅ ଭାଗୀରଥି, ସୁନାବେଡ଼ା ଥାନା ଚଉଗାଁ ଗ୍ରାମର ସ୍ୱର୍ଗତ ସଦା ସୁନାଙ୍କ ପୁଅ ଈଶ୍ୱର। ଗିରଫ ଯୁବକମାନଙ୍କ ବୟସ ୧୮ରୁ ୨୨ ବର୍ଷ ମଧ୍ୟରେ ବୋଲି ଜଣାପଡିଛି। ବୁଧବାର ବିଳମ୍ବିତ ରାତିରେ ଖବର ପାଇ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ପି.ଏନ୍. ଦଳପତି ଟିମ୍ ସହ ଚର୍ଚ୍ଚ ପଛପଟ ଏକ ଘରେ ଚଢ଼ାଉ କରିଥିଲେ। ଏହି ସମୟରେ ୨୬ ନଂ. ଜାତୀୟ ରାଜପଥରେ ଡକାୟତି ଯୋଜନା କରୁଥିବା ଉପରୋକ୍ତ ୬ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପୋଲିସ ସେମାନଙ୍କ ପାଖରୁ ଗୋଟିଏ ହାତ ତିଆରି ବନ୍ଧୁକ, ଗୁଳି, ଗୋଟିଏ ଖଣ୍ଡା, ଗୋଟିଏ ଛୁରି ,୮ଟି ମୋବାଇଲ, ନଗଦ ୯୫୧୦ ଟଙ୍କା ଏବଂ ଓଆର୍ ୧୦ ଜେ ୨୧୬୦ ନମ୍ବର ବିଶିଷ୍ଟ ଗୋଟିଏ ରିଜ୍ କାର୍ ପୋଲିସ ଜବତ କରିଛି। ଏନେଇ ସେମିଳିଗୁଡ଼ା ଥାନାରେ କେସ ନଂ. ୧୦୩/୨୩, ଧାରା ୩୯୯ ଓ ୪୦୨ରେ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଏକାଧିକ ଯୁବକଙ୍କର ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତି ଥିବା ନେଇ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ୁଛି ବୋଲି ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର କହିଛନ୍ତି।



ଗିରଫ ହୋଇଥିବା ୬ ଲୁଟେରା ।

## ବସ୍ତି ଅଞ୍ଚଳର ବିକାଶ ନେଇ ତାଲିମ

ଜୟପୁର, ୨୭।୭ (ପବନ ପାଣିଗ୍ରାହୀ)

ଜୟପୁର ଟାଉନ ହଲ୍‌ଠାରେ ଗୁରୁବାର ବସ୍ତି ଅଞ୍ଚଳର ବିକାଶ ନେଇ ପୌରପାଳିକା ପକ୍ଷରୁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପୌରାଞ୍ଚଳରେ ୪୩ଟି ବସ୍ତି ରହିଛି। ଏଥିରୁ ୨୦ଟି ବସ୍ତିବାସିନ୍ଦା ସଂଘର ୬୦ ଜଣ ସଦସ୍ୟଙ୍କ ସହ ବସ୍ତି ସଂଘ ସଭାପତି, ସମ୍ପାଦକ କୋଷାଧ୍ୟକ୍ଷ ଶିବିରରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଜୁ ଆଦର୍ଶ କଲୋନି ନିର୍ମାଣ ନେଇ ତାଲିମ ପ୍ରଦାନ କରାଯାଇଥିଲା। ବସ୍ତିର ରାସ୍ତା, ନାଳ, ଲାଇଟ, ପାନୀୟ ଜଳ ଆଦି ଅଛି କି ନାହିଁ ଆଲୋଚନା ହୋଇଥିଲା। ବସ୍ତି ଅଞ୍ଚଳରେ ନିର୍ମାଣ କରାଯାଇଥିବା ପାର୍କ, ଖୋଲା ସ୍ଥାନର ବିକାଶ, ମୋ ପରିଚୟ ଗୃହର କିପରି ଯତ୍ନ ନିଆଯିବ ସେନେଇ ସଚେତନ କରାଯାଇଥିଲା। ବସ୍ତିରେ ରହୁଥିବା ସମସ୍ତଙ୍କ ଘରେ ଯେପରି ପାଇଖାନା ରହିବ ସେଥିପ୍ରତି ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। ୮୦୫ ଜଣଙ୍କୁ ପାଇଖାନା ନିର୍ମାଣ ନେଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଯେଉଁ ମାନେ ତାଲିମ ନେଲେ ସେମାନେ ଅନ୍ୟ ବସ୍ତିକୁ ଯାଇ ଲୋକଙ୍କୁ ସଚେତନ କରିବାକୁ ପ୍ରଶିକ୍ଷକମାନେ ପରାମର୍ଶ ଦେଇଥିଲେ। ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସବୁ ୱାର୍ଡର କାଉନସିଲର ମାନେ ଉପସ୍ଥିତ ଥିଲେ।

## କାଗଜକଲ ଶ୍ରମିକଙ୍କ ଇପିଏଫ୍ ପ୍ରସଙ୍ଗ ଉଠିଲା

ଜୟପୁର,୨୭।୭ (ପବନ ପାଣିଗ୍ରାହୀ)

**ଇପିଏଫ୍ ନୋଡାଲ ଅଧିକାରୀଙ୍କ ବୈଠକ**

ଭବିଷ୍ୟନିଧି ଅଧିକାରୀଙ୍କ ନୋଡାଲ ଅଧିକାରୀ ଅକ୍ଷୟ ବେହେରାଙ୍କ ଅଧ୍ୟକ୍ଷତାରେ କେସିସି ବ୍ୟାଙ୍କ ସଭା କକ୍ଷରେ ଏକ ଆଲୋଚନା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଶ୍ରମ ଅଧିକାରୀ(ଡିଏଲ୍‌ଓ) ବୃନ୍ଦାବନ ସେଠୀ ଉପସ୍ଥିତ ରହି ବିଭିନ୍ନ ସଂସ୍ଥାର ଶ୍ରମିକମାନଙ୍କ ଇପିଏଫ୍ ଏବଂ ପେନ୍‌ସନ ସମସ୍ୟା ସମ୍ପର୍କରେ ଶୁଣିଥିଲେ। ଇପିଏଫ୍‌ଓ ଆସୋସିଏଶନ କୋରାପୁଟ ଜିଲା ସଭାପତି ନଳିନୀ ରଥ ଯୋଗଦେଇ ସେବା କାଗଜ କଲ ଓ କେସିସି ବ୍ୟାଙ୍କ କର୍ମଚାରୀଙ୍କୁ ଇପିଏଫ୍ ଓ ପେନ୍‌ସନ ସୁବିଧା ଶୀଘ୍ର ଯୋଗାଇଦେବାକୁ ଦାବି କରିଥିଲେ। ଏନେଇ ସୂଚନା ଦେଇ ନୋଡାଲ ଅଧିକାରୀ ବେହେରା କହିଥିଲେ, ସେବା କାଗଜକଲର ୧୨୨୨ ଜଣ ଶ୍ରମିକଙ୍କ ଇପିଏଫ୍ କଲିକତା ଆଞ୍ଚଳିକ ଇପିଏଫ୍ କମିଶନ ଅଫିସ୍‌ର ଅନୁମତିକୁ ଅପେକ୍ଷା କରାଯାଇଛି। ଯୋଗଦେଇଥିବା କାଗଜକଲ ଅବସରପ୍ରାପ୍ତ ଶ୍ରମିକଙ୍କ ପ୍ରତିନିଧି ବସନ୍ତ ବେହେରା କାଗଜକଲରେ କାର୍ଯ୍ୟରତ ଶ୍ରମିକମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ସେ କହିଥିଲେ, କାଗଜକଲ କର୍ତ୍ତୃପକ୍ଷ ୨୦୨୩ ଏପ୍ରିଲରୁ ବେସିକ୍ ଓ ଡିଏରୁ ଇପିଏଫ୍ କାଟିବା ପାଇଁ ଜଣାଇଛନ୍ତି। ତେବେ ଏହା ପୂର୍ବରୁ କାର୍ଯ୍ୟରତ ଶ୍ରମିକଙ୍କ ଇପିଏଫ୍ ଦେୟ ଦେବା ନିମନ୍ତେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଲାଗି ନୋଡାଲ ଅଧିକାରୀଙ୍କୁ ଜଣାଇଥିଲେ। କେସିସି ବ୍ୟାଙ୍କ କର୍ମଚାରୀ ପ୍ରତିନିଧି ଉମା ରଥ, କାଗଜକଲର ଅଜୟ ବଳ, ଭଗବାନ ଦାସ, ଅଶୋକ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ୧୩୧ କାର୍ଯ୍ୟ ନେଇ ହେଲା ୧୨ କୋଟି ବ୍ୟୟ ଅଟକଳ



ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ଜୟପୁର, ୨୭।୭ (ପବନ ପାଣିଗ୍ରାହୀ)

**ମୁକ୍ତା ଯୋଜନାର ସମୀକ୍ଷା ବୈଠକ**

ଜୟପୁର ପୌରସଭା ଗୃହରେ ମୁକ୍ତା ଯୋଜନାର ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି । ଏଥିରେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି.ସୁନିତା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ କାଉନସିଲରମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଜୟପୁର ସହରର ବିଭିନ୍ନ ୱାର୍ଡରେ ଚାଲିଥିବା ମୁକ୍ତ ଯୋଜନାର କାର୍ଯ୍ୟ ସମୟ ସୀମା ଭିତରେ ସମୀକ୍ଷା କରିବା । କ୍ୱାଲିଟି ଓ କ୍ୱାଣ୍ଟିଟିକୁ ତନଖି କରିବା, ଏସ୍‌ଏଚ୍‌ଜିକୁ ଗୁରୁତ୍ୱ ଦେବାକୁ ଆଲୋଚନା ବେଳେ ସ୍ଥିର ହୋଇଥିଲା। ପୂର୍ବରୁ ହୋଇଥିବା ୧୦ କୋଟି ଟଙ୍କାର କାର୍ଯ୍ୟର ସମୀକ୍ଷା କରାଯିବା ସହ ସହ ତୁରନ୍ତ ଅଧା ରହିଥିବା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୩୧ଟି କାର୍ଯ୍ୟ ନିମନ୍ତେ ୧୨ କୋଟି ଟଙ୍କାର ଅଟକଳ କରାଯାଇଛି। ଏଥିରେ ସହରର ୨୮ଟି ୱାର୍ଡରେ ରାସ୍ତା, ଡ୍ରେନ, ପାର୍କ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ ।

# ଅବିଭକ୍ତ କୋରାପୁଟ ଜିଲାରେ ହାଇଆଲର୍ଟ

■ ମାଓବାଦୀଙ୍କ ଶହୀଦ ସପ୍ତାହ
■ ୬ ରୁଟ୍‌ରେ ସରକାରୀ ବସ୍ ଚଳାଚଳ ବନ୍ଦ

ଜୟପୁର, ୨୭।୭(ପବନ ପାଣିଗ୍ରାହୀ)

ମାଓବାଦୀମାନେ ୨୮ ତାରିଖରୁ ଶହୀଦ ସପ୍ତାହ ପାଳନ କରୁଥିବାରୁ ଅବିଭକ୍ତ କୋରାପୁଟ ଜିଲାରେ ହାଇଆଲର୍ଟ ଜାରି କରାଯାଇଛି । ଅବିଭକ୍ତ କୋରପୁଟ ଜିଲାରେ କେତେକ ରୁଟ୍‌ରେ ସରକାରୀ ବସ୍ ଚଳାଚଳକୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଛି । ଜୟପୁର ଜୋନର ୬ଟି ରୁଟରେ ବସ୍ ଚଳାଚଳ ବନ୍ଦ ରହିଛି। ଫୁଲବାଣୀ, ଭଦ୍ରାଚଳମ୍, ଗୁଣୁପୁର, କୋଟା ଗାଁ, କାଶିପୁର, କମଳାଡିହ ରୁଟ୍‌ରେ ସରକାରୀ ବସ୍ ଚଳାଚଳ ୨୭ ରାତିରୁ ବନ୍ଦ ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ସପ୍ତାହରେ ମାଓବାଦୀମାନେ ଯେପରି କିଛି ଅଘଟଣ ନ ଘଟାଇପାରନ୍ତି ସେଥିପ୍ରତି ଗୁରୁତ୍ୱ ଦେଇ ଜିଲା ପୋଲିସ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଉପରୋକ୍ତ ରୁଟରେ ବସ୍ ଚଳାଚଳ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଚଳିତ ବର୍ଷ ମାଲକାନଗିରି ଜିଲାକୁ ବସ୍ ଚଳାଚଳ କରିବ । ଜିଲା ପୋଲିସ ତରଫରୁ ସୀମାନ୍ତ ଅଞ୍ଚଳକୁ ସିଲ୍ କରାଯାଇ କୋମ୍ବିଂ ଅପରେଶନ୍‌କୁ ଜୋରଦାର କରାଯାଇଛି। ଜିଲାର ସମସ୍ତ ଥାନାକୁ ହାଇଆଲର୍ଟ ଜାରି କରାଯାଇଛି । ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନ ନେଇ ଅବିଭକ୍ତ କୋରାପୁଟ ଜିଲାବାସୀ ଭୟଭୀତ ନ ହେବାକୁ ଜିଲା ପୋଲିସ ଆଶ୍ୱାସନା ଦେଇଛି। ଜିଲାର, ନାରାୟଣପାଟଣା, ବନ୍ଧୁଗାଁ, ବୈପାରିଗୁଡା, ପଟାଙ୍ଗି ଅଞ୍ଚଳରେ ସୁରକ୍ଷାବାହନୀ ପକ୍ଷରୁ କଡା ନଜର ରଖାଯାଇଛି । ଅନ୍ୟପକ୍ଷରେ ମାଓବାଦୀମାନେ ଶହୀଦ ସପ୍ତାହକୁ ସମର୍ଥନ ଜଣାଇବାକୁ ବିଭିନ୍ନ ସ୍ଥାନରେ ବ୍ୟାନର ଓ ପୋଷ୍ଟର ମାରି ନିଜ ଉପସ୍ଥିତି ଜାହିର କରିଛନ୍ତି ।

## ମଦ ପ୍ରସ୍ତୁତି ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୨୭।୭ (ପବନ ପାଣିଗ୍ରାହୀ)

ଦେଶୀମଦ ପ୍ରସ୍ତୁତ କରୁଥିବା ବେଳେ ସୂଚନାପାଇ ଜୟପୁର ସଦର ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ନୀଳାଗୁଡାର ଦୈତାରି ହରିଜନ(୩୦) ଓ ଶ୍ୟାମ ହରିଜନ (୨୦) । ସେମାନଙ୍କଠାରୁ ପୋଚ, ୧୦ ଲିଟର ଦେଶୀ ମଦ, ଯୁରିଆ, ମଦ ରନ୍ଧା ସରଞ୍ଜାମ ଆଦି ଜବତ ହୋଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲା**

ଜୟପୁର, ୨୭।୭ (ପବନ ପାଣିଗ୍ରାହୀ)

ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ରୁଜୁ ମାମଲାର ବିଚାର କରି ଜୟପୁରସ୍ଥିତ ପୋକ୍ସୋ କୋର୍ଟ ଅଭିଯୁକ୍ତ ବୋରିଗୁମ୍ମା ଥାନା ଡୁମୁରିଗୁଡା ଗ୍ରାମର ଡାନିଏଲ ନାଗଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୭ ମସିହାର ଏହି ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ଏଥିସହ ଡାନିଏଲଙ୍କୁ ୨୦ ହଜାର ଟଙ୍କା ଜରିମାନାରେ ବିଚାରପତି ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ ଆଇନସେବା ପ୍ରାଧିକରଣ ମାଧ୍ୟମରେ ପିଡିତାଙ୍କୁ ୬ଲକ୍ଷ ଟଙ୍କା ଅନୁକମ୍ପାରାଶି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ଜଣାପଡିଛି, ମାଆବାପା ଘରେ ଅନୁପସ୍ଥିତ ରହୁଥିବା ବେଳେ ଡାନିଏଲ ନାବାଳିକାଙ୍କୁ ବଳାତ୍କାର କରିଆସୁଥିଲେ। ନାବାଳିକାଙ୍କ ଦେହ ଧୀରେ ଧୀରେ ଦୁର୍ବଳ ହେବା ଦେଖି ପରିବାର ଲୋକେ ତାଙ୍କୁ ମେଡିକାଲ ନେଇଥିଲେ। ଏହି ସମୟରେ ଡାକ୍ତରୀ ପରୀକ୍ଷାରୁ ନାବାଳିକା ଜଣକ ଗର୍ଭବତୀ ହୋଇଥିବା ଜଣାପଡିଥିଲା। ଘଟଣା ସମ୍ପର୍କରେ ପରିବାର ଲୋକେ ପଚାରିବାରୁ ନାବାଳିକା ଜଣକ ସବୁ କଥା କହିଥିଲେ। ଏନେଇ ଜୟପୁର ମହିଳା ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ଡାନି,ଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ଏହି ମାମଲା ପୋକ୍ସୋ କୋର୍ଟରେ ବିଚାରାଧୀନ ଥିଲା। ସରକାରଙ୍କ ତରଫରୁ ପକ୍ଷରୁ ସରକାରୀ ଓକିଲ ଗାୟତ୍ରୀ ଦେବୀ ମାମଲା ପରିଚାଳନା କରୁଥିଲେ।

# ଦାବି ପୂରଣ ନେଇ ଠିକା କର୍ମଚାରୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଚାଲ ଅଭିଯାନ

ଜୟପୁର, ୨୭।୭ (ପବନ ପାଣିଗ୍ରାହୀ)

୧୦ ଦଫା ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଚାଲ ଅଭିଯାନରେ ଜୟପୁରଠାରେ ସ୍ୱାସ୍ଥ୍ୟ ବିଭାଗ ଠିକା କର୍ମଚାରୀ ଏକାଠି ହୋଇଥିଲେ। ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଭୁବନେଶ୍ୱରରେ ୩୧ରେ ହେବାକୁ ଥିବା ସମାବେଶରେ ଯୋଗଦେବାକୁ ଯିବାପାଇଁ ସମୂହ ଅନୁମତି ଦେବାକୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏକ ପତ୍ର ଦେଇଛନ୍ତି। ଏହାକୁ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ସମୂହ ଛୁଟିରେ ଯିବା ବିଷୟ ଠିକା ନେଇଥିବା ସଂସ୍ଥାକୁ ଦେବାକୁ ପରାମର୍ଶ ଦେଇଥିଲେ। ପରେ ସମସ୍ତ ଠିକା କର୍ମଚାରୀ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଭେଟି ସବୁ ବିଷୟ ଜଣାଇଥିଲେ। ସମସ୍ତେ ଛୁଟିରେ ଗଲେ ରୋଗୀ ହଇରାଣ ହେବେ। ସେଥିପାଇଁ ସମସ୍ତେ ନ ଯାଇ ଏଠାରେ କିଛି ରହି ଭୁବନେଶ୍ୱର କିଛି ଯିବାକୁ ବାହିନୀପତି ପରାମର୍ଶ ଦେଇଥିଲେ। ଠିକା ନିଯୁକ୍ତି ବନ୍ଦକରି ସ୍ଥାୟୀ ନିଯୁକ୍ତି କରିବା, ଦରମା ବୃଦ୍ଧି କରିବା, ମହିଳା କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ଦେବା, ସମସ୍ତ କର୍ମଚାରୀଙ୍କ ଇପିଏଫ୍, ଇଏସ୍‌ଆଇ, ଇନ୍‌ସ୍ୟୁରାନ୍ସ ଠିକ୍ ସମୟରେ ଜମା କରିବା ଭଳି ୧୦ ଦଫା ଦାବି ନେଇ ଭୁବନେଶ୍ୱରରେ ଏହି ସମାବେଶ ହେଉଛି।




ଅଭିଯାନରେ ସାମିଲ ହୋଇଥିବା ଠିକା କର୍ମଚାରୀମାନେ ।

